୧୬ ପୃଷ୍ଠା

ନିତିଦିନ NITIDIN

# ନଜର


THE SUNDAY SECTION OF NITIDIN



ଶାହିଦଙ୍କ ଭାଲେଣ୍ଟାଇନ ଭେଟି

● ମନୋରଞ୍ଜନ

ର ବି ବା ର ମ୍ୟା ଗା ଜି ନ୍ ■ ୧ ଫେବୃଆରୀ ୨୦୨୬



## ବେଦାନୟନର ପଥିକ
## ବେଦ ପୁରୁଷ
## ପ୍ରିୟବ୍ରତ

# ଶ୍ରୀ ରାମକୃଷ୍ଣ ଚରିତାମୃତ (୩୧)



ମନୋଜ କୁମାର ମହାପାତ୍ର

ଯେମିତି ନୌକା ବାରାଣସୀର ନିକଟତର ହେଲା, ଶ୍ରୀ ରାମକୃଷ୍ଣଙ୍କୁ ଭଗବାନ ଶଙ୍କରଙ୍କର ଏହି ନଗରୀ ସୁନାରେ ନିର୍ମିତ ହେବା ଭଳି ମନେହେଲା । ତାଙ୍କର ଏପରି ଅନୁଭବ ହେଲା ଯେ ସତେକି ଏହି ନଗରୀ ହେଉଛି ଆଧ୍ୟାତ୍ମିକତାର ଘନୀଭୂତ ପିଣ୍ଡ ତଥା ଏଠାରେ ଅସଂଖ୍ୟ ସାଧୁ ଏବଂ ଭକ୍ତଙ୍କର ବହୁମୂଲ୍ୟ ଚିନ୍ତନରାଶି ଘନୀଭୂତ ହୋଇ ବିଦ୍ୟମାନ, ଯାହାଫଳରେ ଏହା ଦେବତାମାନଙ୍କର ବାସସ୍ଥଳୀ ପାଲଟିଛି । ଶ୍ରୀ ରାମକୃଷ୍ଣ ପ୍ରାୟତଃ କାଶୀର ଅଧିଷ୍ଠାତା ଦେବତା ଭଗବାନ ବିଶ୍ୱନାଥଙ୍କ ଦର୍ଶନ ପାଇଁ ଯାଉଥିଲେ ଏବଂ ମାର୍ଗରେ ବିଗ୍ରହଙ୍କ ସମ୍ମୁଖରେ ସମାଧିମଗ୍ନ ହୋଇଯାଉଥିଲେ । ସେ ମଧ୍ୟ କାଶୀର ପ୍ରସିଦ୍ଧ ସନ୍ଥମାନଙ୍କ ସହିତ ଭେଟିବାକୁ ଯାଉଥିଲେ । ଦିନେ ସେ ସୁବିଖ୍ୟାତ ତ୍ରୈଲୋକ୍ୟ ସ୍ୱାମୀଙ୍କ ଦର୍ଶନ ପାଇଁ ଯାଇଥିଲେ, ସେ ସମୟରେ ସେ ମୌନ ବ୍ରତ ପାଳନ କରୁଥିଲେ । ସ୍ୱାମିଜୀ ତାଙ୍କୁ ଆସନ ଗ୍ରହଣ ପାଇଁ ଠାରିଲେ ଏବଂ ତାଙ୍କୁ ସ୍ୱାଗତ କରିବା ଉଦ୍ଦେଶ୍ୟରେ ନିଜର ଦୋକ୍ତା-ଡିବା ତାଙ୍କ ସମ୍ମୁଖରେ ରଖିଲେ । ଶ୍ରୀ ରାମକୃଷ୍ଣ କିଛି ପ୍ରଶ୍ନ ତାଙ୍କୁ ପଚାରିଲେ । ସେ ତାହାର ଉତ୍ତର ଇସାରା ମାଧ୍ୟମରେ ଦେଲେ । ତୈଲଙ୍ଗ ସ୍ୱାମୀ ସେ ସମୟରେ ଏକ ସ୍ନାନ-ଘାଟ ନିର୍ମାଣ କରୁଥିଲେ । ଶ୍ରୀ ରାମକୃଷ୍ଣଙ୍କ ଆଦେଶରେ ଜଣେ ସେବକ ଫାଉଡାରେ ମାଟି ଖୋଳି ଉକ୍ତ କାର୍ଯ୍ୟରେ ଯୋଗଦାନ ଦେଇଥିଲେ । ଏଥିରେ ତୈଲଙ୍ଗ ସ୍ୱାମୀ ବହୁତ ପ୍ରସନ୍ନ ହେଲେ । ଦିନେ ଶ୍ରୀ ରାମକୃଷ୍ଣ ତାଙ୍କୁ ମଥୁରବାବୁଙ୍କ ପାଖକୁ ନିମନ୍ତ୍ରଣ କଲେ ଏବଂ ବହୁତ ଆଦର ସହିତ ତାଙ୍କର ସତ୍କାର ମଧ୍ୟ କଲେ ।

କାଶୀରେ ଏକ ସପ୍ତାହ ରହି ଯାତ୍ରୀଦଳ ଆହ୍ଲାବାଦ ଅଭିମୁଖେ ଅଗ୍ରସର ହେଲେ । ସେଠାରେ ସମସ୍ତେ ଗଙ୍ଗା ଓ ଯମୁନାର ପବିତ୍ର ସଙ୍ଗମ ସ୍ଥଳରେ ସ୍ନାନ କଲେ । ତିନି ଦିନ ପରେ ଯାତ୍ରୀଦଳ କାଶୀକୁ ଫେରି ଆସିଲେ । ପନ୍ଦର ଦିନ ପରେ ଶ୍ରୀ ରାମକୃଷ୍ଣ ଏବଂ ତାଙ୍କ ଦଳ ବୃନ୍ଦାବନକୁ ଗଲେ । ସେଠାରେ ଅବସ୍ଥାନ କାଳରେ ଶ୍ରୀ ରାମକୃଷ୍ଣ ସବୁବେଳେ ଉଚ୍ଚ ଭାବନାରେ ମଗ୍ନ ରହୁଥିଲେ । ଶ୍ରୀକୃଷ୍ଣଙ୍କର ଅଗଣିତ ମଧୁର ସ୍ମୃତିରେ ଜଡିତ ଏହି ପବିତ୍ର ସ୍ଥାନ ତାଙ୍କ ହୃଦୟରେ ସେହି ଅବର୍ଣ୍ଣନୀୟ ଭାବ ଭରି ଦେଇଥିଲା । ସେଠିକାର ସାମାନ୍ୟ ଚିହ୍ନ ଓ ସଙ୍କେତ ତାଙ୍କୁ ପ୍ରେମାନନ୍ଦରେ ବୁଡିଯିବା ପାଇଁ ବେଶ୍ ପର୍ଯ୍ୟାପ୍ତ ଥିଲା । ନିଜ ଭାବ ଉପରେ ନିୟନ୍ତ୍ରଣ ରଖିବା ପାଇଁ ବଡ ମୁସ୍କିଲ ଥିଲା । ବେଳେବେଳେ ସମସ୍ତ ବନ୍ଧନକୁ ଛିଡାଇ ସେ ଦୀର୍ଘ ଗଭୀର ସମାଧିରେ ମଗ୍ନ ହୋଇଯାଉଥିଲେ । ବୃନ୍ଦାବନରେ ଜନୈକ ମହିଳା ବୈଷ୍ଣବ-ଭକ୍ତ ଗଙ୍ଗାମାତାଙ୍କ ସାଙ୍ଗରେ ଭେଟ ହୋଇଥିଲା ଯିଏ ନିଜର ଆଧ୍ୟାତ୍ମିକ ଅନୁଭୂତି ପାଇଁ ବିଖ୍ୟାତ ଥିଲେ । ଷାଠିଏ ବର୍ଷୀୟା ଏହି ମହିଳା ଜଣକ ନିଜର ଅଧିକାଂଶ ସମୟ ଏହି ପବିତ୍ର ସ୍ଥାନରେ ବିତେଇଛନ୍ତି । ପ୍ରଥମ ଦୃଷ୍ଟିରେ ସେ ଶ୍ରୀ ରାମକୃଷ୍ଣଙ୍କର ଆଧ୍ୟାତ୍ମିକ ମହାନତାକୁ ପରଖି ନେଇଥିଲେ ଏବଂ ତାଙ୍କର ଦର୍ଶନ ପାଇ ସେ ନିଜକୁ ଧନ୍ୟ ମନେ କରୁଥିଲେ । ଶ୍ରୀ ରାମକୃଷ୍ଣ ମଧ୍ୟ ତାଙ୍କର ଭକ୍ତିଭାବ ଓ ଧର୍ମପରାୟଣତା ଦେଖି ବହୁତ ପ୍ରଭାବିତ ହୋଇଥିଲେ । ବୃନ୍ଦାବନରେ ଶ୍ରୀ ରାମକୃଷ୍ଣ ପାଖାପାଖି ପନ୍ଦର ଦିନ ରହିଥିଲେ । ସେଠାରୁ ସେ ମଥୁରା ଗଲେ । ବୃନ୍ଦାବନ ଅବସ୍ଥାନ କାଳରେ ଯେମିତି ତାଙ୍କର ଭାବର ଉଦ୍ଦୀପନା ହେଉଥିଲା, ଠିକ୍ ସେମିତି ମଥୁରାରେ ମଧ୍ୟ ସେହିପରି ଅନିର୍ବଚନୀୟ ଆଧ୍ୟାତ୍ମିକ ଭାବରେ ବିଭୋର ରହୁଥିଲେ । ଭଗବାନ ଶ୍ରୀକୃଷ୍ଣଙ୍କର ସ୍ମୃତିରେ ଜଡିତ ସ୍ଥାନଗୁଡିକୁ ଦେଖି ତାଙ୍କର ମନ ସଦାସର୍ବଦା ଊର୍ଦ୍ଧ୍ୱଗାମୀ ରହୁଥିଲା ।

ଶ୍ରୀ ରାମକୃଷ୍ଣ ନିଜର ଯାତ୍ରୀଦଳଙ୍କ ସହିତ ବାରାଣସୀ ଫେରିଆସିଲେ । ସେଠାରେ ସେ ମେ' ମାସ ପର୍ଯ୍ୟନ୍ତ ରହିଥିଲେ । ଫେରନ୍ତା ଯାତ୍ରାରେ ମଥୁରବାବୁ ଗୟା ଦର୍ଶନ କରିବାକୁ ଇଚ୍ଛା ପ୍ରକଟ କରିଥିଲେ । ଶ୍ରୀ ରାମକୃଷ୍ଣଙ୍କର ସେଠାକୁ ଯିବାକୁ ଇଚ୍ଛା ନଥିଲା । ସେଥିପାଇଁ ସେ ଗୟା ଗଲେନାହିଁ । ଶ୍ରୀ ରାମକୃଷ୍ଣ ଭାବିଲେ ଯେ ଯଦି ସେ ଥରେ ଏହି ତୀର୍ଥକୁ ଦର୍ଶନ କରିବେ, ତେବେ ତାଙ୍କର ମନ ଏହି ଭୌତିକ ଧରାତଳକୁ ସବୁଦିନ ପାଇଁ ଛାଡ଼ି ଚାଲିଯିବ । ନିଜ ଜନ୍ମ ପୂର୍ବରୁ ପିତାଙ୍କ ଦର୍ଶନ ସମ୍ବନ୍ଧରେ ସେ ଅବଗତ ଥିଲେ ଏବଂ ସେଥିପାଇଁ ତାଙ୍କର ବିଶ୍ୱାସ ହେଲା ଯେ ତାଙ୍କ ମନ ସବୁଦିନ ପାଇଁ ଈଶ୍ୱରଙ୍କ ଭିତରେ ଲୀନ ହୋଇଯିବ । ସେ ନିଜକୁ ଜଗନ୍ମାତାଙ୍କର ଯନ୍ତ୍ର ଭାବୁଥିଲେ ଏବଂ ନିଜ ଶରୀରକୁ ସଂସାରରେ ରଖି ତାଙ୍କର ଦୈବୀ କାର୍ଯ୍ୟକୁ ସମ୍ପାଦିତ କରିବା ପାଇଁ ତାଙ୍କର ଆଜ୍ଞାକୁ ଶିରୋଧାର୍ଯ୍ୟ କରିଥିଲେ । ଶ୍ରୀ ରାମକୃଷ୍ଣ ଶେଷରେ ଯାତ୍ରୀଦଳ ସହିତ ସିଧା କଲିକତା ଫେରି ଆସିଲେ । (କ୍ରମଶଃ)

ଫୋନ୍-୯୯୩୭୨୯୭୦୩୯

# ଈଶ୍ୱର ଆମ ଭାଗ୍ୟ ଲେଖନ୍ତି ନାହିଁ ।

ଶ୍ୱେତା ରାଉତ

ଜଣେ ବ୍ୟକ୍ତି ଚାରି ଧାମ ଦର୍ଶନରେ ନିଜ ପରିବାର ସହିତ ଯିବା ବେଳେ ଦୁର୍ଘଟଣାରେ ତାର ମା,ସ୍ତ୍ରୀ,ପିଲା ସମସ୍ତେ ଚାଲିଗଲେ ଓ ସେ ନିଜେ ମୃତ୍ୟୁ ସହିତ ଲଢି ହସ୍ପିଟାଲରେ ପଡ଼ିବା ବେଳେ କହୁଥାଏ'ଆମେ ତ ପ୍ରଭୁଙ୍କ ଦର୍ଶନରେ ଆସିଥିଲୁ, ପ୍ରଭୁ କେତେ ନିଷ୍ଠୁର ! ସେ କାହିଁକି ମୋ ପରିବାରକୁ ଛଡେଇ ନେଲେ ?

ଜଣେ ୪ ମାସର କୁନି ପିଲାର ହାର୍ଟ ଅପରେସନ ହେବାକୁ ପଡ଼ିବ,ନହେଲେ ସେ ବଞ୍ଚିବ ନାହିଁ । ମାଆଟି ମୁଣ୍ଡ ପିଟି କାନ୍ଦୁଥାଏ'ଏତିକି ଟିକେ ପିଲାକୁ କି କଷ୍ଟ ଦେଲ ପ୍ରଭୁ,ସେ କାହାର କଣ କ୍ଷତି କରିଥିଲା ?ତୁମେ କାହିଁକି ମୋ ପିଲାକୁ ଏ ଦଣ୍ଡ ଦେଲ' ?

ଜଣେ ବୃଦ୍ଧା ବିଧବା ମହିଳା କେବଳ ତା ପୁଅକୁ ଭରସା କରି ବଞ୍ଚୁଥାଏ, ହଠାତ ଖବର ଆସେ,ପୁଅ ନଦୀରେ ବୁଡି ଯାଇଛି ଓ କିଛି ସମୟ ପରେ ପୁଅର ଶବ ଆସି ପହଞ୍ଚେ ।ବିଧବା ମାଆର ହୃଦୟ ଫାଟିଯାଏ'ଏ କଣ କଲ ପ୍ରଭୁ'ମୋ ଜୀବନକୁ ଛଡେଇ ନେଲ,ମୁଁ କାହା ପାଇଁ ବଞ୍ଚିବି ?ପ୍ରତ୍ୟେକ ବ୍ୟକ୍ତି ଈଶ୍ୱରଙ୍କୁ ତାର ଦୁର୍ଭାଗ୍ୟ ପାଇଁ ଦାୟୀ କରିଥାଏ ।କାରଣ ସେ ଭାବୁଥାଏ ଈଶ୍ୱର ତା ଭାଗ୍ୟରେ ଏମିତି ଲେଖିଛନ୍ତି ।

ଯଦି ଭଗବାନ ଏମିତି ସବୁ ଦୁଃଖ ଦିଅନ୍ତି ତ କେହି କଣ ଏ ଭଗବାନଙ୍କୁ ପୂଜା କରିବ,ବିଶ୍ୱାସ କରିବ !ଏମିତି ଈଶ୍ୱରଙ୍କୁ ତ ସମସ୍ତେ ଡରିବେ ।ଆଜିକାଲି ବାସ୍ତବରେ ତାହାହିଁ ହେଉଛି,କେହି ଭକ୍ତି,ସମର୍ପଣ ବା ବିଶ୍ୱାସ ରଖି ପୂଜା କରୁନାହାନ୍ତି,କେବଳ ଭୟ ରଖି ପୂଜା କରୁଛନ୍ତି କାଳେ ପୂଜା ନକଲେ ଈଶ୍ୱର ମୋର କିଛି କ୍ଷତି କରିଦେବେ ?ମନ ଭିତର ଡର ରଖି ଈଶ୍ୱରଙ୍କୁ ପୂଜିବାର ମାନେ ନଥାଏ,ଯେଉଁଥିରେ ଭକ୍ତିଭାବ ନଥାଏ ।

ଯଦି ସବୁ ପିଲାଙ୍କ ଭାଗ୍ୟ ଲେଖିବାର ଦାୟୀତ୍ୱ ଈଶ୍ୱର ସେମାନଙ୍କ ବାପା,ମାଆଙ୍କୁ ଦେଇଥାନ୍ତେ କିମ୍ବା ଯଦି ଆମ ପିଲାର ଭାଗ୍ୟ ଲେଖିବା ଦାୟୀତ୍ୱ ଆମ ହାତରେ ଥାଆନ୍ତା,ତେବେ ଆମେ ନିଶ୍ଚିତ ଆମ ପିଲା ପାଇଁ ଦୁନିଆର ସବୁ ସୁଖ ଖଞ୍ଜି ଦେବାର ବ୍ୟବସ୍ଥା କରିଥାନ୍ତେ,ଯେମିତି ଆମ ପିଲା ଜୀବନରେ କେବେ କୌଣସି ଝଡ ନଆସୁ ।ସ୍ୱାଭାବିକ କଥା,ସବୁ ବାପା ମାଆ,ସେମାନଙ୍କ ପିଲାର ସୁଖ,ଶାନ୍ତି ଚାହିଁଥାନ୍ତି ।ଠିକ୍ ସେମିତି ପରମାତ୍ମା ଆମର ପରମ ପିତା,ସେ ବି ସବୁବେଳେ ଆମର ସୁଖ,ସମୃଦ୍ଧି ଚାହିଁଥାନ୍ତି ।ଆମେ ତାଙ୍କର ସୃଷ୍ଟି,ସର୍ଜନା,ସନ୍ତାନ ।ଯଦି ଈଶ୍ୱର ଆମ ଭାଗ୍ୟ ରେଖା ଲେଖୁଥାନ୍ତେ,ସେ ସମସ୍ତଙ୍କ ପାଇଁ ସମାନ ଖୁସି ଲେଖି ଦେଇଥାନ୍ତେ ।ଜଣେ ଧନୀ ଜଣେ ଗରିବ,ଜଣେ ସୁଖୀ ଜଣେ ଦୁଃଖି, ଏମିତି କରିନଥାନ୍ତେ ।ଈଶ୍ୱର ଆମ ପିତା ହୋଇ କଣ କେବେ ନିଜ ସନ୍ତାନ ପାଇଁ ଦୁଃଖଦ ଜୀବନ ଚାହିଁ ପାରିବେ ?ଆମକୁ କଷ୍ଟ ଦେଇ ସେ କଣ ଖୁସି ହୋଇ ପାରିବେ !

ତେବେ ଜୀବନରେ ଯେତେବେଳେ ଦୁଃଖ କଷ୍ଟ ଆସେ,ଆମେ ଅଧର୍ଯ୍ୟ ହୋଇ ଈଶ୍ୱରଙ୍କ ଉପରେ କାହିଁକି ଆରୋପ ଲଗାଇ ଦେଉ ?'ଈଶ୍ୱର କେମିତି ନିଷ୍ଠୁର ହେଲେ,ମୋ ସହିତ ଏତେ ଅନ୍ୟାୟ କଲେ,କାହିଁକି ଈଶ୍ୱର ମୋତେ ଏତେ ଦଣ୍ଡ ଦେଉଛନ୍ତି'ଏସବୁ ଆରୋପ ଈଶ୍ୱରଙ୍କୁ ଖଳନାୟକ ସଜେଇ ଦିଏ,କିନ୍ତୁ ବାସ୍ତବରେ ଆମର ଦୁର୍ଭାଗ୍ୟର କାରଣ ହେଉଛି ଆମର ଅର୍ଜିତ କର୍ମଫଳ ।କେବେ ବୁଝିବ ମଣିଷ ଯେ,ସମସ୍ତେ ନିଜର କର୍ମଫଳ ବା ପ୍ରାରବ୍ଧ ଭୋଗ କରନ୍ତି ।ଭଲ କର୍ମର ଫଳ ଭଲ ଓ ମନ୍ଦ କର୍ମର ଫଳ ମନ୍ଦ ହୋଇଥାଏ ।ଦୁଃଖ ଆସିଲେ ଅନେକ ବ୍ୟକ୍ତି ତାର ପ୍ରତିକାର ପାଇଁ ମନ୍ଦିର,ମାନସିକ,ହୋମ,ଗୁଣିଆ,ତାନ୍ତ୍ରିକ,ଚଣ୍ଡୀ ଚାମୁଣ୍ଡା ସମସ୍ତଙ୍କ ଶରଣକୁ ଯାଇଥାଏ,କିନ୍ତୁ ବାସ୍ତବରେ ପ୍ରତିକାର କେହି କରିନଥାନ୍ତି ।ବ୍ୟକ୍ତି ଯଦି କୁଆଡ଼େ ନଯାଇ ନିଜ ପାଖକୁ ଆସେ ବା ନିଜ କର୍ମକୁ ସୁଧାରିଥାଏ ତେବେ ପ୍ରତିକାର ପାଇବା ସହଜ ହୋଇଥାଏ ।

ଈଶ୍ୱର,ଆନନ୍ଦର ପରିଭାଷା ।ସେ କେବେ ତାଙ୍କ ସନ୍ତାନକୁ ଦୁଃଖ ଦେବାକୁ ଚାହାନ୍ତିନି,କିନ୍ତୁ ମଣିଷକୁ ଯଦି ତାର କର୍ମ ଅନୁସାରେ ଫଳ କିମ୍ବା ଦଣ୍ଡ ନମିଳେ,ସେ ନିଜକୁ ଈଶ୍ୱର ଘୋଷିତ କରି ଧରାକୁ ସରା ମଣି ବସିବ ।କର୍ମ କେବଳ ଗୋଟିଏ ଜନ୍ମରେ ପୁଣ୍ୟ କିମ୍ବା ପାପର ଫଳ ଦେଇନଥାଏ,ସେ ତ ଜନ୍ମ ଜନ୍ମାନ୍ତର ପାଇଁ ବ୍ୟକ୍ତିକୁ ସୁଧାରିବାକୁ ପ୍ରୟାସ କରିଥାଏ ।ତେଣୁ ଆଜି ଆମେ ଯେମିତି କର୍ମ କରିବା,କାଲି ପାଇଁ ସେମିତି ଭାଗ୍ୟ ଲେଖି ପାରିବା ।

■ ମୁଖ୍ୟ ପ୍ରସଙ୍ଗ

# ବେଦାନୟନର ପଥିକ ବେଦ ପୁରୁଷ ପ୍ରିୟବ୍ରତ

**ମୃତ୍ୟୁର ଶେଷଦିନ ପର୍ଯ୍ୟନ୍ତ ମଧ୍ୟ ଏହି ସନ୍ଥ ସର୍ବପ୍ରକାର ସରଳ, ସଚେତନ ଓ କର୍ମକ୍ଷମ ଥାଇ ସତ୍‌ସଙ୍ଗରେ ବେଦ ପ୍ରବଚନ କରୁଥିଲେ। ମୃତ୍ୟୁର କୌଣସି ପ୍ରକାର କ୍ଳେଶ, ଯନ୍ତ୍ରଣା ନ ପାଇ ଦେହତ୍ୟାଗ କରିଛନ୍ତି। ଏଭଳି ସୁଖମୃତ୍ୟୁ ନିଶ୍ଚିତ ରୂପେ ବିରଳ। ସମଗ୍ର ଜୀବନକୁ କର୍ମମୟ କରିବାର ବେଦର ଯେଉଁ ପ୍ରେରଣାତ୍ମକ ଆଦେଶ ସେ ଯେପରି ଅତ୍ୟନ୍ତ ନିଷ୍ଠାର ସହ ଅକ୍ଷରେ ଅକ୍ଷରେ ତାହା ପାଳନ କରିଛନ୍ତି। ଉତ୍କଳୀୟ ସାରସ୍ୱତ ଭଣ୍ଡାରକୁ ବୈଦିକ ସାହିତ୍ୟ ଉପହାର ଦେବାରେ ସେ ହେଉଛନ୍ତି ପ୍ରଥମ। ବେଦ ଓ ବୈଦିକ ସାହିତ୍ୟ ଅଧ୍ୟୟନ କରି, ମନ୍ଥନ କରି ୪୦ରୁ ଉର୍ଦ୍ଧ୍ୱ ଗ୍ରନ୍ଥ ଲେଖିଯାଇଛନ୍ତି। ତାଙ୍କର ଗବେଷଣାତ୍ମକ ଗ୍ରନ୍ତ 'ବେଦ ମନୁଷ୍ୟକୃତ କି' ଏକ ଉଚ୍ଚକୋଟିର ଗ୍ରନ୍ଥ। ଏ ଗ୍ରନ୍ଥ ଲେଖି ସେ ଓଡ଼ିଶା ସାହିତ୍ୟ ଏକାଡେମୀରୁ ୧୯୬୮ରେ ପୁରସ୍କାର ପ୍ରାପ୍ତ ହୋଇଥିଲେ। ଆର୍ଯ୍ୟ ସଂସ୍କୃତିର ମୂଳ ତତ୍ତ୍ୱ, ପ୍ରିୟବ୍ରତ ପ୍ରବନ୍ଧମାଳା, ବେଦ ସୌରଭ ଆଦି ତାଙ୍କର ଲେଖନୀର ଅମୂଲ୍ୟ ନିର୍ଝର। 'ବୈଦିକ ବିବାହ ପଦ୍ଧତି' ହେଉଛି ଏକ କ୍ରାନ୍ତିକାରୀ ପୁସ୍ତକ ଯାହା କେବଳ ବେଦମନ୍ତ୍ର ଆଧାରିତ।**

ଜନମନ ହରଣ କରୁଥିବା ଏକ ମନୋରମ ସ୍ଥାପତ୍ୟର ଭିତ୍ତି ବାହାରକୁ ଦୃଷ୍ଟିଗୋଚର ହୁଏ ନାହିଁ ସତ୍ୟ, ମାତ୍ର କୌଣସି ସ୍ଥାପତ୍ୟ ଭିତ୍ତିଶୂନ୍ୟ ନୁହେଁ। ସ୍ଥାପତ୍ୟର ଦୃଶ୍ୟଭାଗ ଅପେକ୍ଷା ଅଦୃଶ୍ୟ ଭାଗକୁ ଜାଣିବା ପାଇଁ ସୃଜନଶୀଳ ମନୋଭାବାପନ୍ନ କଳାପ୍ରେମୀ ଅନୁସନ୍ଧିତ୍ସୁମାନେ ସ୍ୱତଃ କୌତୁହଳ ପ୍ରକାଶ କରିଥାନ୍ତି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ଆର୍ଯ୍ୟସମାଜର ସମ୍ପୂର୍ଣ୍ଣ ନିର୍ମାଣ ଓ ବହୁବିଧ କାର୍ଯ୍ୟାବଳୀ ପ୍ରଶଂସିତ ହେଉଥିଲେ ସୁଦ୍ଧା ତାହାର ପ୍ରାଣ ପ୍ରତିଷ୍ଠାତାଙ୍କର ଅମ୍ଳାନ କୃତି ସମ୍ପର୍କରେ ସାଧାରଣ ଲୋକେ ସମ୍ୟକ ସୂଚନା ପାଇନାହାନ୍ତି। ଏଠାରେ ସେହି ମହାନୁଭବଙ୍କର କର୍ମମୟ ଜୀବନବୃତ୍ତର ପରିଧିର କିୟଦଂଶ ଉପରେ ଆଲୋକପାତ କରୁଛୁ।

ଆର୍ଯ୍ୟସମାଜ ହେଉଛି ସନାତନ ବୈଦିକ ସଂସ୍କୃତି ମାଧ୍ୟମରେ ଶ୍ରେଷ୍ଠମାନବ ନିର୍ମାଣର ଏକ ବିଶ୍ୱବ୍ୟାପୀ ଆନ୍ଦୋଳନ। ଏହା ମହର୍ଷି ଦୟାନନ୍ଦଙ୍କ ଦ୍ୱାରା ୧୮୭୫ ମସିହାରେ ମୁମ୍ବାଇ ଠାରେ ସ୍ଥାପିତ ହୋଇଥିଲା। ଏହାପରେ ତାହା ପଞ୍ଜାବ, ହିମାଚଳ ପ୍ରଦେଶ, ଉତ୍ତର ପ୍ରଦେଶ, ରାଜସ୍ଥାନ, ହରିୟାନା, ଗୁଜରାଟ, କର୍ଣ୍ଣାଟକ, ବିହାର ଓ ବଙ୍ଗରେ ପ୍ରସାର ଲାଭ କଲା। ସ୍ୱାମୀ ଦୟାନନ୍ଦ ତାଙ୍କର ଜୀବନକାଳ (୧୮୨୪-୧୮୮୩) ମଧ୍ୟରେ ଓଡିଶା ଭୂମିରେ ପଦାର୍ପଣ କରି ପାରି ନ ଥିଲେ, ଫଳରେ ଅନ୍ୟାନ୍ୟ ପ୍ରଦେଶ ଅପେକ୍ଷା ଓଡ଼ିଶାରେ ବହୁ ବିଳମ୍ବରେ ଆର୍ଯ୍ୟସମାଜର ପ୍ରଚାର ପ୍ରସାର ହୋଇଥିଲା।

ଓଡିଶାରେ ଆର୍ଯ୍ୟସମାଜର ଆଦ୍ୟ ପ୍ରବର୍ତ୍ତକ ରୂପେ ସର୍ବପ୍ରଥମେ ଗଞ୍ଜାମ ଜିଲ୍ଲାର ମହାନ ମନୀଷୀ, ସମାଜ ସଂସ୍କରକ ଶ୍ରୀବତ୍ସ ପଣ୍ଡାଙ୍କ ଅବଦାନ ଅବିସ୍ମରଣୀୟ। ସେ ୧୯୨୭ ମସିହାରେ ସ୍ୱାମୀ ଦୟାନନ୍ଦଙ୍କର ପ୍ରଣୀତ କ୍ରାନ୍ତିକାରୀ ଗ୍ରନ୍ଥ 'ସତ୍ୟାର୍ଥ ପ୍ରକାଶ'ର ଓଡ଼ିଆରେ ଅନୁବାଦ କରିବା ଦ୍ୱାରା ଓଡିଶାର ପୁରପଲ୍ଲୀରେ ଲୋକେ ବେଦ ଓ ଆର୍ଯ୍ୟ ବିଚାରଧାରା ପ୍ରତି ଆକୃଷ୍ଟ ହେଲେ। ସେ ଗଞ୍ଜାମର ପୋଲସରାରେ ପଣ୍ଡିତ ଲିଙ୍ଗରାଜ ଅଗ୍ନିହୋତ୍ରୀଙ୍କର ପରିବାରରେ ବିବାହ କରିଥିଲେ। ସଂପର୍କ ଦୃଷ୍ଟିରୁ ଉଭୟେ ଶାଳକ ଓ ଭିଣୋଇ ଥିଲେ। ଲିଙ୍ଗରାଜ ଅଗ୍ନିହୋତ୍ରୀଙ୍କ ଜ୍ୟେଷ୍ଠପୁତ୍ର ଭାବରେ ପ୍ରିୟବ୍ରତ ଦାସ ଏକ ଶୁଦ୍ଧ ଆର୍ଯ୍ୟ ପରିବାରରେ ଜନ୍ମିତ, ଲାଳିତ ଓ ପାଳିତ ହୋଇ ଆର୍ଯ୍ୟବିଚାର ଧାରାରେ ବହୁଭାବରେ ଅନୁପ୍ରାଣିତ ହୋଇଥିଲେ। ନିଜ ଗ୍ରାମରେ ହାଇସ୍କୁଲରେ, ବ୍ରହ୍ମପୁରରେ କଲେଜରେ, ତାପରେ ପାଟନାରେ ସିଭିଲ ଇଞ୍ଜିନିୟରିଂ ଡିଗ୍ରୀ ଓ ଲଣ୍ଡନରେ ସ୍ନାତକୋତ୍ତର ଶିକ୍ଷା ସମାପ୍ତ କରି ଓଡିଶା ସରକାରଙ୍କ ଅଧୀନରେ ଯନ୍ତ୍ରୀ ଭାବରେ ନିଯୁକ୍ତି ପାଇଲେ। ୧୯୬୬ରେ ସେ ଭୁବନେଶ୍ୱରରେ ଅବସ୍ଥାପିତ ହୋଇଥିଲେ। ସେତେବେଳକୁ ଭୁବନେଶ୍ୱରରେ ୧୮ ବର୍ଷ ହେଲା ରାଜଧାନୀ ସ୍ଥାପିତ ହୋଇଥିଲେ ସୁଦ୍ଧା ଆର୍ଯ୍ୟସମାଜ ସ୍ଥାପିତ ହୋଇ ନଥିଲା। ତେଣୁ ଦାସ ମହୋଦୟ ରିଜିଓନାଲ କଲେଜ ସାମ୍‌ନାରେ ପାଇଥିବା ନିଜ ସରକାରୀ ବାସଭବନ ୟୁନିଟ - ୯, ୪ ଆରା / ୨୬ରେ ଆର୍ଯ୍ୟସମାଜର ସମସ୍ତ ଗଠନମୂଳକ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ପ୍ରଥମ ପ୍ରୟାସ କଲେ। ଏହିଠାରେ ସପ୍ତାହିକ ସତ୍‌ସଙ୍ଗ, ବେଦାଲୋଚନା ଏପରିକି ଓଡିଶାକୁ ଆସୁଥିବା ଆର୍ଯ୍ୟସନ୍ନ୍ୟାସୀ, ଆର୍ଯ୍ୟବିଦ୍ୱାନ ଓ ଡି.ଏ.ଭି. ଶିକ୍ଷା ସଙ୍ଗଠନର କର୍ମକର୍ତ୍ତା ଉପଦେଶକମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଉଥିଲା। ଦିଲ୍ଲୀ ମୁଖ୍ୟ କାର୍ଯ୍ୟାଳୟ ସାର୍ବଦେଶିକ ଆର୍ଯ୍ୟପ୍ରତିନିଧି ସଭାରୁ ଏହି ଠିକଣାରେ ହିଁ ସମସ୍ତ ଚିଠିପତ୍ର ଆସୁଥିଲା। ଏହି ବାସଭବନର ଠିକଣାରେ ଭୁବନେଶ୍ୱର ଆର୍ଯ୍ୟସମାଜ ବିଧିବଦ୍ଧ ଭାବରେ ପଞ୍ଜୀକୃତ ହେଲା। ପ୍ରିୟବ୍ରତ ଦାସ ବୈଦିକ ସାହିତ୍ୟ ପ୍ରକାଶନ ପାଇଁ 'ବୈଦିକ ଅନୁସନ୍ଧାନ ପ୍ରତିଷ୍ଠାନ' ପ୍ରକାଶନ ସଂସ୍ଥା ସ୍ଥାପନ କରି ଏହାର ପରିଚାଳନା ଦାୟିତ୍ୱ ଶନ୍ନୋଦେବୀଙ୍କ ହାତରେ ଅର୍ପଣ କଲେ। ଏହି ପ୍ରକାଶନ ମାଧ୍ୟମରେ ଚାରିବେଦର ସୌରଭଗ୍ରନ୍ଥ ସମେତ ଉପନିଷଦ, ଦର୍ଶନ, ସ୍ମୃତି ଓ ସଂସ୍କାର ପଦ୍ଧତି ବିଷୟକ ମୂଲ୍ୟବାନ ଗ୍ରନ୍ଥ ପ୍ରକାଶିତ ହେଲା। ଅନେକ ମନୋରମ ବେଦମନ୍ତ୍ର ଓଡିଆ ଭାଷାରେ ଚାର୍ଟ ଆକାରରେ ମୁଦ୍ରଣ କରି ଓଡ଼ିଶାର ବିଭିନ୍ନ








ଅନୁଷ୍ଠାନ ଓ ବ୍ୟକ୍ତିମାନଙ୍କ ନିକଟକୁ ପଠାଇ ବୈଦିକ ବିଚାର ପ୍ରସାର ପାଇଁ ଯତ୍ନ କରାଗଲା ।

ବେଦର ପ୍ରଚାର ପ୍ରସାରକୁ ଜୀବନର ବ୍ରତରୂପେ ଗ୍ରହଣ କରିଥିବା ଦାସ ମହୋଦୟ ନିଜର ସ୍ୱଭାବ ସୁଲଭ ଗୁଣରେ ସମସ୍ତଙ୍କୁ ସ୍ତର ଓ ପ୍ରବୃତ୍ତି ଅନୁରୂପ ନିରନ୍ତର ଉତ୍ସାହ ପ୍ରଦାନ କରିଥିଲେ । ବେଦର ଅମୂଲ୍ୟ ଉପଦେଶ ମଧ୍ୟରେ ସୁପ୍ତପ୍ରାଣରେ ଜାଗୃତ ଓ ପ୍ରେରଣା ଭରିଦେବା ତାଙ୍କର ନିଜସ୍ୱ କଳା । ତେଣୁ ସଦସ୍ୟ ସଦସ୍ୟାମାନେ ବେଦପାଠର ଶୈଳୀ ତଥା ବେଦାର୍ଥ କରିବାରେ ସଂପୂର୍ଣ୍ଣ ଭାବେ ଅଭ୍ୟସ୍ତ ଓ ନିପୁଣ ହୁଅନ୍ତୁ, ବିଶେଷତଃ ବୈଦିକ ପଦ୍ଧତିରେ ଉପନୟନ ଓ ବିବାହ ଆଦି ବୈଦିକ ସଂସ୍କାର ଅଳ୍ପ ଖର୍ଚ୍ଚରେ ଓ ଶୁଦ୍ଧପୂତ ଭାବରେ ସମ୍ପାଦନ କରିବାରେ ପାରଦର୍ଶୀ ହୁଅନ୍ତୁ, ଏହି ଉଦ୍ଦେଶ୍ୟରେ ସେ ପ୍ରଶିକ୍ଷଣ ଦେଲେ ।

ଦାସ ମହୋଦୟ ନିଜର ଅଫିସ ଦାୟିତ୍ୱ ନିର୍ବାହ କରିବା ସହିତ ଯଜ୍ଞମଣ୍ଡପ ନିର୍ମାଣର ସମସ୍ତ କାର୍ଯ୍ୟ ଟିକିନିଖି ଭାବେ କରୁଥିଲେ । ଛାତ ଢଳେଇ ଠିକାଦାର ନନ୍ଦକିଶୋର ବିଶ୍ୱାଳ, ମୋଜାଇକ ମିସ୍ତ୍ରୀ ଗଣେଶ ମହତୋ ଆଦିଙ୍କୁ ନିଜର ବିନୋଦୀ ଢଙ୍ଗରେ ହସାଇ ରସାଇ କାମ କରାଇ ନେଉଥିଲେ । ଦିନେ ଦୁଇଜଣ ସହଯୋଗୀଙ୍କ ସହିତ ଯଜ୍ଞମଣ୍ଡପର ଚାରିପାଖରେ ଗଡାଣିଆ ଛାତର ସେଣ୍ଟ୍ରିଂର ମାପକୁ ସମତୁଲ କରିବା ପାଇଁ ସନ୍ଧ୍ୟାବେଳ ପର୍ଯ୍ୟନ୍ତ କାର୍ଯ୍ୟ କରିବାକୁ ପଡିଲା । ତଥାପି ମାପ ସରିଲା ନାହିଁ । ପରଦିନ ସକାଳୁ ଛାତ ପଡିବା ପାଇଁ ଦିନ ଧାର୍ଯ୍ୟ ହୋଇଥିଲା । ତେଣୁ ସେହିଦିନ ରାତିରେ ରହି ସକାଳେ ଏକ ମିସ୍ତ୍ରୀ ସହାୟତାରେ ଦିନ ବାରଟା ସୁଦ୍ଧା ଭୁଲ ସଂଶୋଧନ କରିବା ପରେ ଛାତ ପଡିଲା ।

ଯଜ୍ଞମଣ୍ଡପ ରାଜଧାନୀର ପ୍ରମୁଖ ଯଜ୍ଞପୀଠ ଭାବରେ ବିବେଚିତ ହୋଇଆସୁଛି । ଏହି ପୀଠରେ ଭାରତର ବିଶିଷ୍ଟ ଆର୍ଯ୍ୟସନ୍ନ୍ୟାସୀ ସ୍ୱାମୀ ସତ୍ୟପ୍ରକାଶ, ସ୍ୱାମୀ ଦୀକ୍ଷାନନ୍ଦ, ସ୍ୱାମୀ ସତ୍ୟପତି ଆଦି ପ୍ରମୁଖ ମନୀଷୀମାନେ ସେମାନଙ୍କର ଅମୃତମୟ ବେଦପ୍ରବଚନ କରିଛନ୍ତି । ଦେଶର ବହୁ ବଡବଡ ବିଦ୍ୱାନ ବେଦୋପଦେଶ ପ୍ରଦାନ କରିଛନ୍ତି । ସେମାନଙ୍କ ସହଯୋଗରେ ପ୍ରତିବର୍ଷ ଯୋଗସାଧନା ଶିବିର, ଧ୍ୟାନଶିବିର, ବେଦ ସଂଗୋଷ୍ଠୀ ଅନୁଷ୍ଠିତ ହୋଇ ଆସୁଛି । ସଦସ୍ୟା ସଦସ୍ୟମାନେ ଏସବୁରେ ଅଂଶ ଗ୍ରହଣ କରିବା ଦ୍ୱାରା ସେମାନଙ୍କର ଆଧ୍ୟାତ୍ମିକ ମାନ ଯଥେଷ୍ଟ ବୃଦ୍ଧି ପାଇଛି । ବର୍ତ୍ତମାନ ଏହି ପୀଠରେ ଦୈନିକ ଯଜ୍ଞ ସଂପନ୍ନ ହେଉଛି । ସଂନ୍ଧ୍ୟାରେ ବୈଦିକ ପ୍ରାର୍ଥନା ଆୟୋଜିତ ହେଉଛି । ସଂସ୍ଥାପକଙ୍କର ନିରନ୍ତର ସାଧନା ଫଳରେ ଅନେକ ଲେଖକ, ବେଦପ୍ରବଚକ, ଭଜନ ଉପଦେଶକ, ପୁରୋହିତ ତଥା ଯାଜ୍ଞକ ହେବାର ଗୌରବ ଅର୍ଜନ କରୁଛନ୍ତି ।

ରାଜଧାନୀରେ ବସବାସ କରୁଥିବା ଦଶ ଲକ୍ଷରୁ ଊର୍ଦ୍ଧ୍ୱ ଅଧିବାସୀଙ୍କୁ ଏହି ସଂସ୍ଥା ଆଧ୍ୟାତ୍ମିକ ଶିକ୍ଷା ପ୍ରଦାନର ଏକ ଗୁରୁ ଦାୟିତ୍ୱ ବହନ କରିଛି । ସର୍ବପ୍ରକାର ଧାର୍ମିକ ବିଚାରଧାରାର ମୂଳସ୍ରୋତ ହେଉଛି ବେଦ । ତେଣୁ କୁହାଯାଇଛି 'ବେଦୋଽଖିଳୋ ଧର୍ମମୂଳଂ' । ତେଣୁ ବେଦ ଆର୍ଯ୍ୟସମାଜ ବିଚାରଧାରାର କେନ୍ଦ୍ରବିନ୍ଦୁ । ମନୁଷ୍ୟ-ସମାଜ ପାଇଁ ବେଦର ଅବଦାନ ଅତୁଳନୀୟ । ଆର୍ଯ୍ୟସମାଜ ତାର ଅନୁଯାୟୀମାନଙ୍କୁ ବେଦାଧ୍ୟୟନ, ଯଜ୍ଞ ଉପାସନା, ଜପ, ଧ୍ୟାନ, ଯୋଗ, ପ୍ରାଣାୟମ, ସତ୍‌ସଙ୍ଗ ଓ ସମାଧି ଆଦି ବହୁମୁଖୀ ସାଧନାରେ ସମୃଦ୍ଧ ହେବା ପାଇଁ ପ୍ରେରଣା ଦେଇଛି । ବୈଦିକ ସଂସ୍କୃତି ତଥା ଆର୍ଯ୍ୟସମାଜ ପ୍ରତି ଲୋକଙ୍କର ଯେପରି ଭାବେ ଶ୍ରଦ୍ଧା, ନିଷ୍ଠା ଓ ଆନ୍ତରିକତା ବଢୁଛି, ଦିନ ଆସିବ ଏହି ଅନୁଷ୍ଠାନ କେବଳ ରାଜଧାନୀବାସୀଙ୍କୁ ନୁହେଁ ସମଗ୍ର ଓଡିଶାବାସୀଙ୍କୁ ଆଲୋକସ୍ତମ୍ଭ ଭଳି ଆଧ୍ୟାତ୍ମିକ ଦିଗ୍‌ଦର୍ଶନ ଦେବାରେ ସହାୟକ ହେବ । ସେତେବେଳେ ଲୋକେ ସଂସ୍ଥାପକଙ୍କର ଜୀବନବୃତ୍ତର ପରିଧିର ଅନ୍ୟ ଅଂଶ ଉପରେ ଦୃଷ୍ଟି ପକାଇବା ପାଇଁ ସ୍ୱତଃ ଆଗ୍ରହ ପ୍ରକାଶ କରିବେ । ନିର୍ମଳ ଅଭିପ୍ରାୟ ରଖି ଐଶ୍ୱରୀୟ ପ୍ରେରଣାରେ କରାଯାଉଥିବା ପ୍ରତ୍ୟେକ ସନ୍ନିଷ୍ଠ ସାଧନା ଫଳପ୍ରଦ ହୁଏ, ପ୍ରିୟବ୍ରତ ଦାସଙ୍କ ଦ୍ୱାରା ସଂସ୍ଥାପିତ ଭୁବନେଶ୍ୱର ଆର୍ଯ୍ୟସମାଜ ହେଉଛି ତାହାର ଜ୍ୱଳନ୍ତ ନିଦର୍ଶନ ।

## ମୃତୁ୍ୟଞ୍ଜୟୀ ପ୍ରିୟବ୍ରତ

ପବିତ୍ର ଉତ୍କଳଭୂମିର ରାଜଧାନୀ ଭୁବନେଶ୍ୱରରେ ଜ୍ଞାନଦାତ୍ରୀ ବେଦମାତାଙ୍କର ଅମୃତସନ୍ତାନ ରୂପେ ଜ୍ଞାନଜ୍ୟୋତି ପ୍ରାପ୍ତ ହୋଇ ଜୀବନକୁ ଶୀର୍ଷସ୍ତରରେ ପହଞ୍ଚାଇ ମୁକ୍ତିଲାଭ କରିବା ଉଦ୍ଦେଶ୍ୟରେ ଯିଏ ଆର୍ଯ୍ୟସମାଜ ସ୍ଥାପନ କରିଥିଲେ ସେ ହେଉଛନ୍ତି ଏକ ଶୁକ୍ଳବେଶଧାରୀ ମହାନ ସନ୍ଥ ପ୍ରିୟବ୍ରତ ଦାସ । ସେ ଆଜି ଆମ ଗହଣରେ ନାହାନ୍ତି । ଗତ ଜାନୁୟାରୀ ୯ ତାରିଖରେ ତାଙ୍କର ଦେହାନ୍ତ ହୋଇଛି ସତ ମାତ୍ର ଓଡ଼ିଶାବାସୀଙ୍କ ଲାଗି ଆର୍ଯ୍ୟସମାଜ ଭଳି ସେ ଯେଉଁ ବୈଦିକ ଅନୁଷ୍ଠାନ ଦେଇଯାଇଛନ୍ତି ତାହା ହେଉଛି ମହାନ୍ ଅବଦାନ ଯାହା ତାଙ୍କୁ ଯୁଗଯୁଗ ଧରି ଅମର କରି ରଖିବ । ତାଙ୍କର ଏହି ମହାନ୍ କୃତି ପାଇଁ ସେ 'ମୃତ୍ୟୁଞ୍ଜୟୀ' ହୋଇ ରହିବେ ।

ପ୍ରିୟବ୍ରତ ଦାସ ଏକ ବୈଦିକ ପରିବାରରେ ଜନ୍ମଲାଭ କରିଥିବାରୁ ବୈଦିକ ସଂସ୍କାରର ପ୍ରଭାବରେ ଶୀର୍ଷସ୍ତରୀୟ ଜୀବନର ଅଧିକାରୀ ହୋଇଥିଲେ । ବୈଦିକ ବର୍ଣ୍ଣାଶ୍ରମ ଅନୁସାରେ ଜୀବନର ଚାରିଗୋଟି ଆଶ୍ରମ ଯଥା- ବ୍ରହ୍ମଚର୍ଯ୍ୟାଶ୍ରମ, ଗୃହସ୍ଥାଶ୍ରମ, ବାନପ୍ରସ୍ଥାଶ୍ରମ ଓ ସନ୍ନ୍ୟାସାଶ୍ରମ ରହିଛି । ପୂର୍ଣ୍ଣାଙ୍ଗ ଜୀବନ ପାଇଁ ଜ୍ଞାନ, କର୍ମ ଓ ଭକ୍ତିର ସମନ୍ୱୟ ହେବା ଏକାନ୍ତ ଆବଶ୍ୟକ ଜାଣି ତହିଁରେ ସେ ଦୃଢ଼ ଥିଲେ ମଧ୍ୟ କର୍ମମୟ ଜୀବନ ପାଇଁ ସେ ଅଧିକ ଆଗ୍ରହୀ ଥିଲେ । ତେଣୁ ସେ ୭୫ ବର୍ଷ ପରେ ସନ୍ନ୍ୟାସ ନ ନେଇ ଋଷିତ୍ୱକୁ ଆଦରି ନେଇଥିଲେ । କାରଣ ଋଷିମାନେ ମଧ୍ୟ ଗୃହସ୍ଥ ଥିଲେ । ମହର୍ଷି ଯାସ୍କ ନିରୁକ୍ତିଶାସ୍ତ୍ରରେ କହିଛନ୍ତି- ଋଷୟ ମନ୍ତ୍ର ଦ୍ରଷ୍ଟାରଃ । ମନ୍ତ୍ରର ଦ୍ରଷ୍ଟାମାନଙ୍କୁ ଋଷି କୁହାଯାଏ । ତେଣୁ ଏହି ସନ୍ଥ ମନ୍ତ୍ରଦ୍ରଷ୍ଟା ରୂପେ ସମଗ୍ର ଜୀବନ ବେଦାନୁଶୀଳନରେ ଲଗାଇ ବିଶିଷ୍ଟ ବେଦବିତ୍ ଭାବରେ ନିଜର ତଥା ଓଡ଼ିଶାର ଗୌରବକୁ ରାଷ୍ଟ୍ରୀୟ ତଥା ବିଶ୍ୱସ୍ତରରେ ପହଞ୍ଚାଇବା ପାଇଁ ସକ୍ଷମ








ହୋଇପାରିଥିଲେ। ତେଣୁ ରାଷ୍ଟ୍ରୀୟ ତଥା ବୈଶ୍ୱିକ କ୍ଷେତ୍ରରେ ବୈଦିକ ପରିପ୍ରେକ୍ଷୀରେ ଓଡ଼ିଶା କହିଲେ ପ୍ରିୟବ୍ରତ ଦାସ ବା ପ୍ରିୟବ୍ରତ ଦାସ କହିଲେ ଓଡ଼ିଶା ବୋଲି ପରିଚୟ ସୃଷ୍ଟି କରିଥିଲେ। ସେ କୌଣସି ଗୁରୁକୁଳରେ ଛାତ୍ର ନଥିଲେ କିମ୍ବା ସଂସ୍କୃତଭାଷାର ସ୍କଲାର ନଥିଲେ- ଏହା ହେଉଛି ତାଙ୍କ ଜୀବନର ସର୍ବୋଚ୍ଚ ବିଶେଷତ୍ୱ। ବେଦାଦି ସ୍ମୃତି, ଆରଣ୍ୟକ, ବ୍ରାହ୍ମଣ ଗ୍ରନ୍ଥ ଉପରେ ତାଙ୍କର ଏପରି ଗଭୀର ଜ୍ଞାନଥିଲା ଯେ ହିନ୍ଦୁଧର୍ମର କର୍ମକାଣ୍ଡୀୟ ଧାର୍ମିକ ବ୍ୟବସ୍ଥାର ସୃଷ୍ଟିକରଣ ନିମିତ୍ତ ଲୋକେ ପୁରୀ ମୁକ୍ତିମଣ୍ଡପକୁ ଏଡ଼ି ତାଙ୍କୁ ଶାସ୍ତ୍ରୀୟ ପରାମର୍ଶ ମାଗୁଥିଲେ।


ମୃତ୍ୟୁର ଶେଷଦିନ ପର୍ଯ୍ୟନ୍ତ ମଧ୍ୟ ଏହି ସନ୍ଥ ସର୍ବପ୍ରକାର ସରଳ, ସଚେତନ ଓ କର୍ମକ୍ଷମ ଥାଇ ସତ୍‌ସଙ୍ଗରେ ବେଦ ପ୍ରବଚନ କରୁଥିଲେ। ମୃତ୍ୟୁର କୌଣସି ପ୍ରକାର କ୍ଳେଶ, ଯନ୍ତ୍ରଣା ନ ପାଇ ଦେହତ୍ୟାଗ କରିଛନ୍ତି। ଏଭଳି ସୁଖମୃତ୍ୟୁ ନିଶ୍ଚିତ ରୂପେ ବିରଳ।

ସମଗ୍ର ଜୀବନକୁ କର୍ମମୟ କରିବାର ବେଦର ଯେଉଁ ପ୍ରେରଣାତ୍ମକ ଆଦେଶ ସେ ଯେପରି ଅତ୍ୟନ୍ତ ନିଷ୍ଠାର ସହ ଅକ୍ଷରେ ଅକ୍ଷରେ ତାହା ପାଳନ କରିଛନ୍ତି। ଉତ୍କଳୀୟ ସାରସ୍ୱତ ଭଣ୍ଡାରକୁ ବୈଦିକ ସାହିତ୍ୟ ଉପହାର ଦେବାରେ ସେ ହେଉଛନ୍ତି ପ୍ରଥମ। ବେଦ ଓ ବୈଦିକ ସାହିତ୍ୟ ଅଧ୍ୟୟନ କରି, ମନ୍ଥନ କରି ୪୦ରୁ ଊର୍ଦ୍ଧ୍ୱ ଗ୍ରନ୍ଥ ଲେଖିଯାଇଛନ୍ତି। ତାଙ୍କର ଗବେଷଣାତ୍ମକ ଗ୍ରନ୍ତ 'ବେଦ ମନୁଷ୍ୟକୃତ କି' ଏକ ଉଚ୍ଚକୋଟିର ଗ୍ରନ୍ଥ। ଏ ଗ୍ରନ୍ଥ ଲେଖି ସେ ଓଡ଼ିଶା ସାହିତ୍ୟ ଏକାଡେମୀରୁ ୧୯୬୮ରେ ପୁରସ୍କାର ପ୍ରାପ୍ତ ହୋଇଥିଲେ। ଆର୍ଯ୍ୟ ସଂସ୍କୃତିର ମୂଳ ତତ୍ତ୍ୱ, ପ୍ରିୟବ୍ରତ ପ୍ରବନ୍ଧମାଳା, ବେଦ ସୌରଭ ଆଦି ତାଙ୍କର ଲେଖନୀର ଅମୂଲ୍ୟ ନିର୍ଝର। 'ବୈଦିକ ବିବାହ ପଦ୍ଧତି' ହେଉଛି ଏକ କ୍ରାନ୍ତିକାରୀ ପୁସ୍ତକ ଯାହା କେବଳ ବେଦମନ୍ତ୍ର ଆଧାରିତ।

ଏହି ମହାନୁଭବ ଓଡ଼ିଶା ସରକାରଙ୍କ ଅଧୀନରେ ଜଣେ ନିର୍ମାଣ ବିଭାଗର ଯନ୍ତ୍ରୀ ଭାବରେ ଚାକିରୀ ଆରମ୍ଭ କରି ମୁଖ୍ୟଯନ୍ତ୍ରୀ ଭାବରେ ଅବସର ଗ୍ରହଣ କରିଥିଲେ। ସମଗ୍ର ଚାକିରୀକାଳ ସାଧୁ, ସଚ୍ଚୋଟ, ଦୁର୍ନୀତିମୁକ୍ତ, ଦକ୍ଷ, ନିଷ୍ଠାପର ଭାବରେ କର୍ତ୍ତବ୍ୟ ସଂପାଦନ କରି ବହୁ ସୁନାମ ଅର୍ଜନ କରିଥିଲେ। ପୂର୍ତ୍ତ ବିଭାଗରେ ଥାଇ ଜଣେ ରାଜ୍ୟସ୍ତରୀୟ ମୁଖ୍ୟଯନ୍ତ୍ରୀ ପଦବୀରେ ଦୁର୍ନୀତିମୁକ୍ତ ଜୀବନର ଅଧିକାରୀ ହେବା ଏହା ମଧ୍ୟ ବିରଳ। ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟରତ ବଡ଼ ବଡ଼ ପଦବୀଧାରୀ ପଦାଧିକାରୀମାନେ ସବୁବେଳେ କହିବାର ଦେଖାଯାଏ ଯେ ସେମାନଙ୍କର ସମୟ ନାହିଁ। ମାତ୍ର ଏହି କର୍ମବୀର ସନ୍ଥ ପ୍ରମାଣ କରି ଦେଖାଇଦେଇ ଗଲେ ଯେ- ଚାକିରୀ ଜୀବନରେ ଥାଇ ମଧ୍ୟ ନାନା ଭାବରେ ସାମାଜିକ ସେବା କରାଯାଇ ପାରିବ। ସରକାରୀ ଚାକିରୀରୁ ଅବସର ପରେ ଅନେକ କର୍ମଚାରୀମାନଙ୍କର ଶକ୍ତି ସାମର୍ଥ୍ୟ ଥିଲେ ମଧ୍ୟ କେବଳ ଖାଇ ପିଇ କର୍ମହୀନ ଆଳସ୍ୟ ଜୀବନ ଯାପନ କରନ୍ତି। ଆମେ ତ ଅବସର ନେଲୁ, ବୃଦ୍ଧ ହେଲୁ କହି ନୈରାଶ୍ୟ ଓ ନିସ୍ପୃହ ଜୀବନ ଯାପନ କରି ହତାଶାଭାବ ପ୍ରକାଶ କରନ୍ତି। ଏହି ଶ୍ରେଣୀର ଲୋକେ ଯେତେ ଅଛନ୍ତି ସମସ୍ତଙ୍କ ପାଇଁ ପ୍ରିୟବ୍ରତ ଦାସଙ୍କ ଜୀବନୀ ପଥପ୍ରଦର୍ଶକ ଓ ପ୍ରେରଣାଦାୟକ।

ଏହି ସନ୍ଥ ନିଜ ଜନ୍ମଭୂମି ଗଞ୍ଜାମଜିଲ୍ଲା ପୋଲସରାରେ ୧୯୮୦ ରେ ଆର୍ଯ୍ୟସମାଜ ସ୍ଥାପନ କରି ରାଜ୍ୟପାଳଙ୍କ ଦ୍ୱାରା ତାହା ଉନ୍ମୋଚନ କରାଇଥିଲେ। ଏହି ଆର୍ଯ୍ୟସମାଜ ହେଉଛି ଦକ୍ଷିଣ ଓଡ଼ିଶାର ବେଦ ପ୍ରଚାରର ଏକ ପ୍ରମୁଖ କେନ୍ଦ୍ର। ଏଠାରେ ମଧ୍ୟ ଏକ ବୃହତ୍ ବୈଦିକ ଗ୍ରନ୍ଥାଗାର ରହିଛି। ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ। ଜନ୍ମଦାତ୍ରୀ 'ମା'ଙ୍କ ତୁଲ୍ୟ ଜନ୍ମଭୂମି ଗାଁ ମଧ୍ୟ ମାତୃତୁଲ୍ୟ ପ୍ରିୟ। ଗ୍ରାମ ତଥା ଗ୍ରାମସଂଲଗ୍ନ ଅଞ୍ଚଳବାସୀ ବେଦ ଓ ଯଜ୍ଞ ପ୍ରତି ଶ୍ରଦ୍ଧାଳୁରେ ବିଦ୍ୱାନ୍ ଓ ବିଦୂଷୀ ହୁଅନ୍ତୁ ଏହା ଥିଲା ତାଙ୍କର ଆନ୍ତରିକ ଇଚ୍ଛା। ଏସବୁ ଗାଁ ମାଟି ପାଇଁ ତାଙ୍କରି ଅଶେଷ ଶୁଭ ଓ ପ୍ରୀତିର ନିଦର୍ଶନ। ପିଲାଦିନରୁ ସେ ସ୍ୱାଧ୍ୟାୟଶୀଳ ଓ ତୀକ୍ଷ୍ଣ ମେଧାସମ୍ପନ୍ନ ଥିଲେ। ବେଦ ତାଙ୍କର ସର୍ବୋଚ୍ଚ ପ୍ରିୟ ଥିଲା। ତାଙ୍କର ବ୍ୟକ୍ତିଗତ ଲାଇବ୍ରେରୀରେ ତ ବହୁ ବୈଦିକ ଗ୍ରନ୍ଥ ଥିଲା, ତା'ଛଡ଼ା ଆର୍ଯ୍ୟ ସମାଜରେ ମଧ୍ୟ ଏକ ଗ୍ରନ୍ଥାଗାର ରହିଛି। ଏଠାରେ ଉଚ୍ଚକୋଟିର ବହୁ ଦୁର୍ଲ୍ଲଭ ଗ୍ରନ୍ଥ ରହିଛି। ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା, ଗବେଷଣାରତ ବିଦ୍ୱାନମାନଙ୍କ ପାଇଁ ମଧ୍ୟ ସହାୟକ ହୋଇଛି। ଭାରତର ସର୍ବଶ୍ରେଷ୍ଠ ବୈଦିକ ବିଦ୍ୱାନ ଯେ କି ଏଲାହାବାଦ ବିଶ୍ୱବିଦ୍ୟାଳୟର ରସାୟନ ବିଭାଗର ମୁଖ୍ୟ ପ୍ରଫେସର ଥିଲେ ସେ ସନ୍ନ୍ୟାସ ଗ୍ରହଣ କରି ଚାରିବେଦର ଇଂରାଜୀ ଭାଷ୍ୟ କରିଛନ୍ତି ତାଙ୍କୁ ସେ ଗୁରୁରୂପେ ମନୋନୀତ କରି ତାଙ୍କର ପୁଣ୍ୟସ୍ମୃତି ଉଦ୍ଦେଶ୍ୟରେ ତାଙ୍କ ନାମରେ ସ୍ୱାମୀ ସତ୍ୟପ୍ରକାଶ ଗ୍ରନ୍ଥାଗାର ନାମିତ କରିଛନ୍ତି। ସମଗ୍ର ଓଡ଼ିଶାର ଅନେକ ଗ୍ରାମ, ନଗର, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟରେ ସ୍ୱାମୀ ସତ୍ୟପ୍ରକାଶ ସରସ୍ୱତୀଙ୍କର ପ୍ରବଚନ କରାଇଥିଲେ। ଆର୍ଯ୍ୟସମାଜର ପ୍ରତିଷ୍ଠାତା ସ୍ୱାମୀ ଦୟାନନ୍ଦ ଓଡ଼ିଶାକୁ ଆସିପାରି ନଥିଲେ। ତେଣୁ ଓଡ଼ିଶାରେ ବୈଦିକ ଧର୍ମର ପ୍ରଚାର ପ୍ରସାର ହୋଇପାରି ନଥିବାରୁ ଓଡ଼ିଶା ଅନ୍ୟ ପ୍ରଦେଶମାନଙ୍କ ତୁଳନାରେ ୧୦୦ ବର୍ଷ ପଛରେ। ତେଣୁ ଓଡ଼ିଶା ଲୋକମାନେ ବୈଦିକ ଜ୍ଞାନ ପ୍ରାପ୍ତ ପାଇଁ ତାଙ୍କର ମହାନ୍ ପ୍ରୟାସ ଜାରିରଖିଥିଲେ। ଭାରତର ଶ୍ରେଷ୍ଠ ବୈଦିକ ବିଦ୍ୱାନମାନଙ୍କୁ ଆର୍ଯ୍ୟସମାଜର ବାର୍ଷିକୋତ୍ସବ ଓ ବେଦପ୍ରଚାର ପର୍ବ ଶ୍ରାବଣୀ ଉପାକର୍ମକୁ ଡକାଇ ବେଦର ପ୍ରଚାର ପ୍ରସାର ପାଇଁ ଅକ୍ଳାନ୍ତ ପରିଶ୍ରମ କରୁଥିଲେ। ପ୍ରତ୍ୟେକ ବର୍ଷ ଭାରତର ଶ୍ରେଷ୍ଠ ବିଦ୍ୱାନବିଦୂଷୀ ସାଧୁସନ୍ନ୍ୟାସୀମାନଙ୍କୁ ନିମନ୍ତ୍ରଣ କରି ଉତ୍ସବ ଶେଷରେ ମହର୍ଷି ଦୟାନନ୍ଦ ପୁରସ୍କାର ଓ 'ରାଷ୍ଟ୍ରୀୟ ବେଦବେଦାନ୍ତ ପୁରସ୍କାର' ଅର୍ଥରାଶି, ଶାଲ ଓ ସ୍ମୃତିଫଳକ ଦେଇ ସେମାନଙ୍କୁ ପ୍ରଦାନ କରାଯାଇ ଆସୁଛି। ଏହାଫଳରେ ବିଶ୍ୱ ବୈଦିକ କ୍ଷେତ୍ରରେ ଓଡ଼ିଶାର ପରିଚୟ ସୃଷ୍ଟି ହୋଇପାରିଛି।









**ଚିତ୍ତରଞ୍ଜନ ପଣ୍ଡା**
**ନହରକଣ୍ଟା, ଭୁବନେଶ୍ୱର-୩୫**
**ମୋ: ୯୪୩୭୦୪୫୪୪୯**

## ସୌନ୍ଦର୍ଯ୍ୟ





# ଷ୍ଟାଇଲିଶ୍ ଲୁକ୍ ଦିଏ ଜିନ୍ସ



***ଆଜିକାଲି ଫ୍ୟାସନ ସହ ଯୋଡ଼ି ହୋଇଯାଇଛି ଜିନ୍ସ। ପୁଅ ହୁଅନ୍ତୁ କି ଝିଅ, ପ୍ରାୟ ସମସ୍ତେ ଜିନ୍ସ ବ୍ୟବହାର କରୁଛନ୍ତି। ଜିନ୍ସ ଏକ ଫ୍ୟାସନ୍ ଷ୍ଟେପଲ୍ ହୋଇଥିବାରୁ ଏହାକୁ ପିନ୍ଧିବାକୁ ସମସ୍ତେ ଭଲ ପାଆନ୍ତି। ତେବେ ସବୁ ପ୍ରକାରର ଜିନ୍ସ ସମାନ ନଥାଏ। କିଛି ଜିନ୍ସର ଛାୟାଚିତ୍ର ଓ ଶୈଳୀ ଆକର୍ଷଣୀୟ ମନେହୁଏ। ଜିନ୍ସକୁ ଯେ କୌଣସି ସ୍ଥାନ ପାଇଁ ଷ୍ଟାଇଲ୍ କରିହୁଏ ଓ ଏହା ୟୁନିକ୍ ଲୁକ୍ ମଧ୍ୟ ଦେଇଥାଏ। ବିଶେଷ କରି ମହିଳାମାନଙ୍କୁ ଏହା ସ୍ଲିମ୍ ଓ ପର୍‌ଫେକ୍ଟ ବଡ଼ି ଶେପ୍ ଦେଇଥାଏ।***

**ଅଲଟ୍ରା ଲୋ ରାଇଜ୍**-ଏହାକୁ ବ୍ରାଜିଲିଆନ୍ ଜିନ୍ସ ନାମରେ ସମସ୍ତେ ଜାଣନ୍ତି। ଏହି ଜିନ୍ସ ଅଣ୍ଟାରୁ ୩-୪ ଇଞ୍ଚ ତଳକୁ ରହେ। ଆକର୍ଷଣୀୟ ଲୁକ୍ ଦେଉଥିବା ଏହି ଟ୍ରେଣ୍ଡି ଜିନ୍ସକୁ ଝିଅମାନେ ପାର୍ଟିଗୁଡ଼ିକରେ ବ୍ୟବହାର କରିଥାନ୍ତି।

**ସିମ୍ପଲ୍ ପ୍ଲେନ୍ ଲୋ ରାଇଜ୍**-ଲୋ ରାଇଜ୍ ଜିନ୍ସ ଆଜିର ସମୟରେ ଚଳନରେ ଅଛି ଯାହା ଆପଣଙ୍କ ଅଣ୍ଟାଭାଗକୁ ଆକର୍ଷଣୀୟ ଲୁକ୍ ଦେବ। ଏହା ସେହି ଅଳ୍ପବର୍ଷୀୟା ସ୍ଲିମ୍ ଝିଅମାନଙ୍କୁ ଖୁବ୍ ସୁନ୍ଦର ଲୁକ୍ ଦିଏ। ସେଥିପାଇଁ ପାର୍ଟିଗୁଡ଼ିକରେ ଏହି ଜିନ୍ସକୁ ବେଶ୍ ପସନ୍ଦ କରାଯାଏ। ଏହି ଜିନ୍ସ ସ୍ଲାଇଟ୍ ବ୍ୟାକ୍ ନେକେଡ୍ ଥିବାରୁ ସେକ୍ସି ଲୁକ୍ସ ଦେଇଥାଏ।

**ମିଡ୍ ରାଇଜ୍**-ମିଡ୍ ରାଇଜ୍ ଜିନ୍ସକୁ ମହିଳାମାନେ ଅଧିକ ବ୍ୟବହାର କରନ୍ତି। ଏହି ଜିନ୍ସ ପେଟର ବଟନ୍‌ର ଠିକ୍ ତଳେ ସେଟ୍ ହୁଏ। ଏହାକୁ ଅଫିସିଆଲ୍ କାର୍ଯ୍ୟକ୍ରମ ତଥା ପାର୍ଟିଗୁଡ଼ିକରେ ମଧ୍ୟ ପିନ୍ଧିପାରିବେ କାରଣ ଏହା ଡିସେଣ୍ଟ ଲୁକ୍ ଦେବ।

**ହାଇ ରାଇଜ୍ ଜିନ୍ସ**-ହାଇ ରାଇଜ୍ ଜିନ୍ସ ଅଣ୍ଟାକୁ ଫିଟ୍ ରଖିବା ପାଇଁ ଡିଜାଇନ୍ କରାଯାଇଥିଲା। ଯେତେବେଳେ ଏହାକୁ ସ୍କିନି ବେଲ୍ଟ ସହିତ ସାର୍ଟକୁ ଇନ୍ କରି ପିନ୍ଧିବେ ଏହି ଷ୍ଟାଇଲ୍ ଆପଣଙ୍କୁ ରେଟ୍ରୋ ଲୁକ୍ ଦେବ। ମୋଟି ମହିଳାମାନଙ୍କୁ ଏହା ସଠିକ୍ ଆକାର ଦେବ।

**ଷ୍ଟ୍ରେଟ୍ ବା ସିଗାରେଟ୍ ଜିନ୍ସ**-ଏହି ଜିନ୍ସ ପୂରା ସିଧା ରହେ। ଏହାକୁ ସିଗାରେଟ୍ ଜିନ୍ସ ବୋଲି କୁହାଯାଏ। ଯଦି ଆପଣ ଆରାମଦାୟକ ଜିନ୍ସ କିଣିବାକୁ ଚାହୁଁଛନ୍ତି ତେବେ ଷ୍ଟ୍ରେଟ୍ ଜିନ୍ସ ଆପଣଙ୍କ ପାଇଁ ଏକ ବିକଳ୍ପ ହୋଇପାରେ। ଏଥିରେ ଏକ ସିଧା କଟ୍ ଥାଏ ଯାହା ଜଙ୍ଘକୁ ସନ୍ତୁଳିତ କରି ରଖେ। ସୁଢ଼ଳ ଝିଅମାନଙ୍କ ଉପରେ ଏପରି ଜିନ୍ସ ସୁନ୍ଦର ଲାଗେ।

**ବୁଟ୍‌କଟ୍**-ବୁଟ୍‌କଟ୍ ଜିନ୍ସ ୭୦ ଓ ୮୦ ଦଶକରେ ଏକ ଫ୍ୟାସନ୍ ମାର୍କ ଥିଲା। ଫିଲ୍ମରେ ଆପଣମାନେ ଦେଖିଥିବା ବୁଟ୍ କଟ୍ ଜିନ୍ସ ସବୁ ପ୍ରକାରର ଶରୀରରେ ଫିଟ୍ ରହେ। ବୁଟ୍‌କଟ୍ ଜିନ୍ସରେ ମହିଳାମାନେ ଅଧିକ ଢ଼େଙ୍ଗା ଦେଖାଯାଆନ୍ତି। ଏହା ବ୍ୟତୀତ ଫ୍ଲେୟାର୍, ୱାଇଡ୍ ଲେଗ୍, ବ୍ଲାକ୍ ସ୍କିନି, କ୍ୟାପ୍ରି, କ୍ରପ୍‌ଡ, ଟ୍ରେଣ୍ଡି କଫ୍‌ଡ, ସର୍ଟ ଲେଡିଜ୍, ଲାଇଟ୍ ୱାସ୍‌ଡ, ରିପ୍‌ଡ, ପ୍ରିଷ୍ଟେଡ୍, ଏମ୍ବ୍ରୋଇଡୋର୍‌ଡ, ପ୍ୟାଚ୍‌ଡ, ଓଭର୍‌ଅଲ୍, କଲର୍ଡ, ସ୍କ୍ରାଚ୍‌ଡ ଆଦି ଅନେକ ପ୍ରକାରର ଜିନ୍ସର ଭେରାଇଟିଜ୍ ମହିଳାମାନଙ୍କ ପାଇଁ ଅଛି।

## ରୋଷେଇ ଘରୁ

# ଟମାଟୋ ଚାରୁ

**ଆବଶ୍ୟକ ସାମଗ୍ରୀ :** ବଡ଼ ବଡ଼ ଟମାଟୋ-୩ଟି, ସୋରିଷ-୨ଚାମଚ, ଗୋଲ ମରିଚ-୨୦/୨୫ଟି, ରଶୁଣ-୧୫/୧୭କୋଳା, କଞ୍ଚାଲଙ୍କା-୩ଟି, ଭୃଶୁଙ୍ଗା ପତ୍ର, ତେନ୍ତୁଳି, ପଞ୍ଚଫୁଟଣ, ଗୋଟା ଶୁଖିଲା ଲଙ୍କା



**ପ୍ରଣାଳୀ :** ପ୍ରଥମେ ଟମାଟୋକୁ ଭଲଭାବରେ ଧୋଇ କାଟି ଗ୍ରାଇଣ୍ଡିଂ କରନ୍ତୁ। କଡ଼ାଇରେ ଗ୍ରାଇଣ୍ଡିଂ ଟମାଟୋ ସହ ଦେଢ଼କପ୍ ପାଣି ଦେଇ ଫୁଟାନ୍ତୁ। ଏହା ଭଲ ଭାବରେ ଫୁଟିଗଲା ପରେ ସୋରିଷ ଗୁଣ୍ଡ ଓ ଗୋଲ ମରିଚ ଗୁଣ୍ଡକୁ ପକାଇ ଭଲଭାବରେ ଘାଣ୍ଟନ୍ତୁ। ୨/୩ ମିନିଟ୍ ପରେ ଏହାକୁ ବାହାର କରି କଡ଼ାଇରେ ଦୁଇ ଚାମଚ ସୋରିଷ ତେଲ ପକାନ୍ତୁ। ଗୋଟା ଶୁଖିଲା ଲଙ୍କା ଓ ପଞ୍ଚଫୁଟଣ ପକାନ୍ତୁ। ଏହା ସହିତ ପୂର୍ବରୁ କୁଟାହୋଇ ରହିଥିବା ଭୃଶଙ୍ଗା ପତ୍ର, କଞ୍ଚା ଲଙ୍କା ଓ ରଶୁଣକୁ ପକାନ୍ତୁ। ମସଲା ରେଡ଼ି ହୋଇଗଲା ପରେ ପୂର୍ବରୁ ଫୁଟା ହୋଇ ରହିଥିବା ଟମାଟୋକୁ ପକାନ୍ତୁ। ଏହା ସହିତ କିଛି ତେନ୍ତୁଳି ବ୍ୟବହାର କରିପାରିବେ, ଯାହା ଆଉ ଟିକେ ଟେଷ୍ଟି କରିପାରିବ। ଏହାକୁ ପାଞ୍ଚ ମିନିଟ୍ ପାଇଁ ଛାଡ଼ି ଦିଅନ୍ତୁ। ବାସ୍, ଏଥର ପ୍ରସ୍ତୁତ ହୋଇଗଲା ଟମାଟୋ ଚାରୁ, ଗରମାଗରମ ପରଷି ପାରିବେ।



## ସାପ୍ତାହିକ ରାଶିଫଳ



ଜ୍ୟୋତିର୍ବିଦ୍
ବିଶ୍ୱନାଥ ପରିଡ଼ା

ନିମାପଡ଼ା, ପୁରୀ,
ମୋବାଇଲ୍:
୯୭୭୭୨୫୨୨୪୦

**ମେଷ** ସପ୍ତାହଟି ବ୍ୟବସାୟରେ ଉନ୍ନତି ହେବ। କର୍ମକ୍ଷେତ୍ରରେ ସଫଳତା ମିଳିବ। ଅର୍ଥଲାଭର ସୁଯୋଗ ଆସିବ। ସୁଖ ସମୃଦ୍ଧି ବୃଦ୍ଧିପାଇବ। ବନ୍ଧୁମାନଙ୍କ ସହଯୋଗରେ ଉନ୍ନତି ହେବ। ବିଭିନ୍ନ ବାଧାବିଘ୍ନ ଦୂର ହେବ। ପ୍ରତିକାର - ସୋମବାର ଦିନ ଶିବ ଦର୍ଶନ କରଣୀୟ।

**ବୃଷ** ସପ୍ତାହଟି ବାଦବିବାଦରୁ ଦୂରେଇ ରୁହନ୍ତୁ। ହଇରାଣରେ ପଡ଼ିପାରନ୍ତି। କଠିନ ପରିଶ୍ରମ ଦ୍ୱାରା ବ୍ୟବସାୟରେ ଉନ୍ନତି ହୋଇପାରେ। ଶରୀର ଅସୁସ୍ଥ ରହିବ। ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ପ୍ରତିକାର - କଳା ଗାଈକୁ ରୁଟି ଖାଇବାକୁ ଦିଅନ୍ତୁ।

**ମିଥୁନ** ସପ୍ତାହଟି କର୍ମକ୍ଷେତ୍ରରେ ସଫଳତା ମିଳିବ। ଧନଲାଭର ସୁଯୋଗ ଆସିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇପାରେ। ବନ୍ଧୁମାନଙ୍କ ସହଯୋଗ ମିଳିବ। ସନ୍ତାନ ସୁଖରେ ସୁଖୀ ହେବେ। ପ୍ରତିକାର - ମଙ୍ଗଳବାର ଦିନ ହନୁମାନ ଚାଳିଶା ପାଠ କରନ୍ତୁ।

**କର୍କଟ** ସପ୍ତାହଟି ଆୟ ଅପେକ୍ଷା ବ୍ୟୟ ଅଧିକ ହେବ। ନିଜ କାର୍ଯ୍ୟରେ ବାଧା ସୃଷ୍ଟି ହେବ। ଶାରୀରିକ ଅସୁସ୍ଥତା ବୃଦ୍ଧି ପାଇବ। ପାରିବାରିକ ଅଶାନ୍ତି ବୃଦ୍ଧି ପାଇବ। ମହିଳାମାନେ ନିଜ କାମରେ ଲାଗି ରହିବେ। ପ୍ରତିକାର - ଗୁରୁବାର ଦିନ ବ୍ରାହ୍ମଣକୁ ଖାଇବାକୁ ଦିଅନ୍ତୁ।

**ସିଂହ** ସପ୍ତାହଟି ଚାକିରି କ୍ଷେତ୍ରରେ ଆକସ୍ମିକ ପରିବର୍ତ୍ତନ ହେବ। ଶତ୍ରୁମାନେ ପରାଜିତ ହେବେ। ସ୍ୱାସ୍ଥ୍ୟର ଉନ୍ନତି ହେବ। ବିଭିନ୍ନ ସମସ୍ୟାର ସମାଧାନ ହୋଇପାରେ। ପ୍ରତିକାର - ରବିବାର ସୂର୍ଯ୍ୟଙ୍କୁ ଜବା ଫୁଲ ଦେଇ ଜଳଲାଗି କରନ୍ତୁ।

**କନ୍ୟା** ସପ୍ତାହଟି ବ୍ୟବସାୟରେ ଲାଭବାନ ହେବେ। ବନ୍ଧୁ ସହଯୋଗ ମିଳିବ। ଧନଲାଭର ସୁଯୋଗ ଆସିବ। ଅଭିଳାଷ ପୂରଣ ହେବ। ପଦୋନ୍ନତିର ସମ୍ଭାବନା ଅଛି। ପାରିବାରିକ ଶାନ୍ତି ମିଳିବ। ପ୍ରତିକାର - ବୁଧବାର ଦିନ ଗଣେଶଙ୍କୁ ପୂଜା କରଣୀୟ।

**ତୁଳା** ସପ୍ତାହଟି ମାନ ସମ୍ମାନ ବୃଦ୍ଧି ପାଇବ। ପାରିବାରିକ ସମସ୍ୟା ସମାଧାନ ହେବ। ଚାକିରି କ୍ଷେତ୍ରରେ ଉନ୍ନତି ହେବ। ବ୍ୟବସାୟରେ ହଇରାଣ ହୋଇପାରନ୍ତି। ବନ୍ଧୁ ସହଯୋଗ ମିଳିବ। ପ୍ରତିକାର - ଶୁକ୍ରବାର ଦିନ ମା' ଲକ୍ଷ୍ମୀଙ୍କୁ ପୂଜା କରଣୀୟ।

**ବିଛା** ସପ୍ତାହଟି କର୍ମକ୍ଷେତ୍ରରେ ସ୍ଥାନାନ୍ତରଣ ଯୋଗ ଅଛି। ଶତ୍ରୁମାନେ ପରାଜିତ ହେବେ। ଅଭୀଷ୍ଟ ପୂରଣ ହେବ। ମାନ ସମ୍ମାନ ବୃଦ୍ଧି ପାଇବ। ଶାରୀରିକ ଅସୁସ୍ଥତା ଦେଖା ଦେବ। ପ୍ରତିକାର - ମଙ୍ଗଳବାର ଦିନ ଛୋଟପିଲାଙ୍କୁ ମିଠା ଖାଇବାକୁ ଦିଅନ୍ତୁ।

**ଧନୁ** ସପ୍ତାହଟି ବ୍ୟବସାୟରେ କ୍ଷତି ହୋଇପାରେ। କର୍ମକ୍ଷେତ୍ରରେ ଅସୁବିଧାରେ ପଡ଼ିପାରନ୍ତି। ବନ୍ଧୁମାନେ ହଇରାଣ କରିପାରନ୍ତି। ପାରିବାରିକ ଅଶାନ୍ତି ବୃଦ୍ଧିପାଇବ। ଶାରୀରିକ ଅସୁସ୍ଥତା ବୃଦ୍ଧି ପାଇବ। ପ୍ରତିକାର - ଗୁରୁବାର ଦିନ ମା' ଲକ୍ଷ୍ମୀଙ୍କ ପୂଜା କରଣୀୟ।

**ମକର** ସପ୍ତାହଟି କଠିନ ପରିଶ୍ରମ ଦ୍ୱାରା ସଫଳତା ଲାଭ କରିବେ। ବ୍ୟବସାୟରେ ହଇରାଣ ହୋଇପାରନ୍ତି। ଆର୍ଥିକ ପରିସ୍ଥିତି ସୁଦୃଢ଼ ରହିବ। ଶାରୀରିକ ଅସୁସ୍ଥତା ବୃଦ୍ଧି ପାଇବ। ପ୍ରତିକାର - ସକାଳୁ କାଉକୁ ରୁଟି ଖାଇବାକୁ ଦିଅନ୍ତୁ।

**କୁମ୍ଭ** ସପ୍ତାହଟି ଆର୍ଥିକ ସମସ୍ୟାର ସମ୍ମୁଖୀନ ହେବେ। କର୍ମକ୍ଷେତ୍ରରେ ଅଶାନ୍ତି ଦେଖା ଦେବ। ଶାରୀରିକ ଅସୁସ୍ଥତା ବୃଦ୍ଧି ପାଇବ। ମାନସିକ ଅଶାନ୍ତି ଦେଖାଦେବ। ପ୍ରତିକାର - ଶନିବାର ଦିନ ଶିବ ଦର୍ଶନ କରନ୍ତୁ।

**ମୀନ** ସପ୍ତାହଟି ବ୍ୟବସାୟରେ ଲାଭବାନ ହେବେ। ସମସ୍ତ କାର୍ଯ୍ୟରେ ସିଦ୍ଧିଲାଭ କରିବେ। ସାମାଜିକ ସମ୍ମାନ ଲାଭ କରିବେ। ନିଜ କାର୍ଯ୍ୟରେ ସଫଳତା ପାଇବେ। ପାରିବାରିକ ଅଶାନ୍ତି ଦେଖାଦେବ। ପ୍ରତିକାର - ଗୁରୁବାର ଦିନ ବୃହସ୍ପତିଙ୍କ ମନ୍ତ୍ରପାଠ କରନ୍ତୁ।

ପର୍ଯ୍ୟଟନ



# ରାୟଗଡ଼ା







ଓଡ଼ିଶାର ଯେଉଁ ସବୁ ଜିଲ୍ଲାର ଇତିହାସ ଓ କିମ୍ବଦନ୍ତୀ ପରସ୍ପର ସହିତ ଜଡ଼ିତ ହୋଇ ରହିଛନ୍ତି ସେହିସବୁ ଜିଲ୍ଲାଗୁଡ଼ିକ ମଧ୍ୟରୁ ରାୟଗଡ଼ା ଅନ୍ୟତମ। ସେଠିକାର ସବୁଜ ବନାନୀ, ସହରକୁ ଛୁଇଁ ପ୍ରବାହିତ ନାଗାବଳୀ ନଦୀର ଦୃଶ୍ୟ ବେଶ୍ ମନଲୋଭା। ସହର ଠାରୁ ମାତ୍ର ୧୦ କି.ମି ଦୂରରେ ଅଛି କାଗଜକଳ ଓ ଥେରୁବାଲିର ଫେରୋକ୍ରୋମ କାରଖାନା। ଏହି ଦୁଇଟି କାରଖାନା ସହରକୁ ସବୁବେଳେ ଚଳଚଞ୍ଚଳ କରି ରଖିଥାଏ। ଇତିହାସ ଅନୁସାରେ ସମୁଦ୍ରଗୁପ୍ତ ଏହି ସହରକୁ ଅକ୍ତିଆର କରିବା ପାଇଁ ଯୁଦ୍ଧ କରିଥିଲେ ଯାହାର ପ୍ରମାଣ ରହିଛି ଚମ୍ପିକୋଟା ନାମକ ଗ୍ରାମରେ। ରାୟଗଡ଼ା ଠାରେ ହିନ୍ଦୁ ମନ୍ଦିର ବ୍ୟତୀତ ଅନେକଗୁଡ଼ିଏ ଦର୍ଶନୀୟ ସ୍ଥାନ ରହିଛି ଯେଉଁଗୁଡ଼ିକ ମଧ୍ୟରେ ମା'ମଙ୍ଗଳା ମନ୍ଦିର, ହାତୀପଥର, ପାଇକପଡ଼ା, ପଦ୍ମପୁରର ନୀଳକଣ୍ଠେଶ୍ୱର ଓ ଗାୟତ୍ରୀ ମନ୍ଦିର, ଭୀମଶଙ୍କର ଜ୍ୟୋତିର୍ଲିଙ୍ଗ, ଦୁର୍ଗୀର ନୂତନ ଜଗନ୍ନାଥ ମନ୍ଦିର ଅନ୍ୟତମ। ଏହା ବ୍ୟତୀତ ନିମ୍ନଲିଖିତ କେତେକ ପର୍ଯ୍ୟଟନ ସ୍ଥଳ ରହିଛି ରାୟଗଡ଼ା ନିକଟରେ।

ଚାଟିକଣା- ରାୟଗଡ଼ା ଠାରୁ ୪୮ କି.ମି ଦୂରରେ ଥିବା ଚାଟିକଣା ସ୍ଥାନଟି ଘାଟି ଓ ବିଭିନ୍ନ ପାହାଡ଼ ଦ୍ୱାରା ପରିବେଷ୍ଟିତ। ମହାଦେବଙ୍କ ଦର୍ଶନ ପାଇଁ ସେଠାରେ ଭକ୍ତମାନଙ୍କର ଭିଡ଼ ଦେଖିବାକୁ ମିଳେ। ପିକ୍‌ନିକ୍ ପାଇଁ ଯାଉଥିବା ପର୍ଯ୍ୟଟକମାନଙ୍କ ପାଇଁ ସୁନ୍ଦର ଝରଣା ଅତ୍ୟନ୍ତ ମନୋମୁଗ୍ଧକର ଅଟେ। ଚଟିକଣାରେ ଡ଼ୋଙ୍ଗରିଆ କନ୍ଧ ଆଦିବାସୀ ଜନଜାତି ରହନ୍ତି।

**ମୀନାଝୋଲା-**ରାୟଗଡ଼ା ଠାରୁ ମୀନାଝୋଲାର ଦୂରତା ୧୩୪ କି.ମି। ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ସେହି ସ୍ଥାନଟିରେ ତିନୋଟି ନଦୀର ସଙ୍ଗମ ସ୍ଥଳ ଦେଖିବାକୁ ମିଳେ। ବନ୍ୟପ୍ରାଣୀଭରା ଘଞ୍ଚ ଜଙ୍ଗଲରେ ଅବସ୍ଥିତ ମୀନାଝୋଲା ସ୍ଥାନଟି ଶିବରାତ୍ରି ପାଇଁ ପ୍ରସିଦ୍ଧ। ସବୁ ଋତୁରେ ସେଠାକୁ ଗମନାଗମନର ସୁବିଧା ନଥିଲେ ମଧ୍ୟ ସ୍ଥାନଟି ଦର୍ଶନୀୟ ଅଟେ। ରାୟଗଡ଼ା ଓ ଗୁଣୁପୁର ଗୁଡ଼ାରି ପର୍ଯ୍ୟନ୍ତ ନିୟମିତ ବସ୍‌ର ସୁବିଧା ରହିଛି। ବାକି ୨୫ କି.ମି ଗାଡ଼ିରେ ଯାଇହେବ।

**ଚେକାଗୁଡ଼ା ଝୁଲାପୋଲ-**ରାୟଗଡ଼ା ସହରର ଉପାନ୍ତରେ ଥିବା ଚେକାଗୁଡ଼ା ଗାଁ ନିକଟବର୍ତ୍ତୀ ନାଗାବଳୀ ନଦୀରେ ଅଛି ଏକ ଝୁଲାପୋଲ ଯାହା ଓଡ଼ିଶାର ଏହି ପ୍ରକାରର ଦ୍ୱିତୀୟ ପୋଲ। ୧୫୧ ମିଟର ଲମ୍ବା ଏହି ବ୍ରିଜର ରହିଛି ଏକ ପ୍ରମୁଖ ଭୂମିକା। ଆଦିବାସୀ ଅଧ୍ୟୁଷିତ ପାଖାପାଖି ନଅଟି ଗ୍ରାମ ପଞ୍ଚାୟତର ୨୦,୦୦୦ରୁ ଅଧିକ ଜନଜାତିଙ୍କୁ ରାୟଗଡ଼ା ସହର ସହିତ ଏହି ପୋଲ ଯୋଡ଼ି ରଖିଛି।


**ଥେରୁବାଲି ଲକ୍ଷ୍ମୀନାରାୟଣ ମନ୍ଦିର-**ଆଇଏମ୍‌ଏଫ୍‌ଏ ପରିସରରେ ଥିବା ଏହି ମନ୍ଦିରରେ ଲକ୍ଷ୍ମୀନାରାୟଣଙ୍କ ବ୍ୟତୀତ ଭଗବାନ ହନୁମାନ, ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଏବଂ ଭଗବାନ ଶିବ ପୂଜା ପାଉଛନ୍ତି। ମନ୍ଦିରର ନିର୍ମାଣଶୈଳୀ ସହ ପରିସରରେ ଥିବା ପୁଷ୍ପ ଉଦ୍ୟାନଟି ମନ୍ଦିରର ଶୋଭା ବର୍ଦ୍ଧନ କରୁଛି।

**ମା' ମଝିଘରିଆଣି ମନ୍ଦିର-**ଏହି ମନ୍ଦିରଟି ଦକ୍ଷିଣ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶର ଏକ ପ୍ରମୁଖ ପୀଠସ୍ଥଳୀ ଅଟେ। ଆନ୍ଧ୍ରପ୍ରଦେଶ, ମଧ୍ୟପ୍ରଦେଶ ଓ ଛତିଶଗଡ଼ରୁ ଅଧିକ ସଂଖ୍ୟକ ପର୍ଯ୍ୟଟକ ଏହି ପୀଠସ୍ଥଳୀକୁ ମା'ଙ୍କ ଦର୍ଶନ ପାଇଁ ଯାଇଥାନ୍ତି। ବିଶେଷ କରି ରବିବାର, ବୁଧବାର ଓ ଶୁକ୍ରବାର ଦିନ ସେଠାରେ ଭିଡ଼ ଅଧିକ ହୁଏ। ମା'ଙ୍କ ଚୈତ୍ରପର୍ବ ଏହି ପୀଠର ଏକ ବିଶେଷ ଏବଂ ପ୍ରସିଦ୍ଧ ପର୍ବ ଅଟେ।

**କିପରି ଯିବେ-**ଆକାଶମାର୍ଗରେ ଯିବାକୁ ଚାହୁଁଥିବା ପର୍ଯ୍ୟଟକମାନଙ୍କ ପାଇଁ ବିଶାଖାପଟ୍ଟନମ୍ ନିକଟବର୍ତ୍ତୀ ବିମାନବନ୍ଦର। ଅନ୍ୟ ଏକ ବିମାନବନ୍ଦର ହେଉଛି ରାଜାମୁନ୍ଦ୍ରୀ। ରେଳ ଯାତ୍ରୀଙ୍କ ପାଇଁ ରାୟଗଡ଼ା ରେଳ ଷ୍ଟସନ୍ ରହିଛି। ରାୟଗଡ଼ା ସହର ସବୁ ସଡ଼କପଥ ସହିତ ଯୋଡ଼ା ହୋଇ ରହିଛି।

ମନୋରଞ୍ଜନ

# ଫେବୃଆରୀରେ ବଧ-୨




ବଧ-୨ ଫେବ୍ରୁଆରୀରେ ରିଲିଜ୍ ହେଉଥିବା ଜାଣିବାକୁ ମିଳିଛି । ଭାରତୀୟ ହିନ୍ଦୀ ସିନେମା ଭାବରେ ଅପରାଧ-ଥ୍ରୀଲର ଚଳଚ୍ଚିତ୍ର । ଜସପାଲ ସିଂ ସାନ୍ଧୁଙ୍କ ଦ୍ୱାରା ଲିଖିତ ତଥା ନିର୍ଦ୍ଦେଶିତ ତଥା ଲଭ୍ ଫିଲ୍ମସ୍ ଦ୍ୱାରା ସିକ୍ୱେଲ୍ ତାରକା ସଞ୍ଜୟ ମିଶ୍ର ଏବଂ ନୀନା ଗୁପ୍ତା ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି । ଏହି ଚଳଚ୍ଚିତ୍ରଟି ଏକ ଆଧ୍ୟାତ୍ମିକ ସିକ୍ୱେଲ୍, ନୂଆ ଚରିତ୍ର, ଭିନ୍ନ ଏକ ବିଷୟବସ୍ତୁକୁ ନେଇ ନିର୍ମାଣ କରାଯାଇଛି । ଜେଲ୍ ଭିତରେ ଘଟୁଥିବା ଅନେକ ଅନାଲୋଚିତ କାହାଣୀ ଏଥିରେ ମଧ୍ୟ ଦର୍ଶାଇଛି । ରିଲିଜ୍ ତାରିଖ ହେଉଛି ଫେବୃଆରୀ ୬ । କ୍ରାଇମ୍ ଥ୍ରୀଲର୍ ପର୍ଯ୍ୟବେସିତ ଏହି ଫିଲ୍ମରେ ନିର୍ଦ୍ଦେଶକ ଓ ଲେଖକ ଭାବରେ ଜସପାଲ ସିଂ ସାନ୍ଧୁ, ତାଙ୍କ କରିସ୍ମା ଦେଖାଇଛନ୍ତି ।

କାଷ୍ଟିଂରେ ରହିଛନ୍ତି ସଞ୍ଜୟ ମିଶ୍ର, ନୀନା ଗୁପ୍ତା ଭଳି ଅନେକ ନାମୀଦାମୀ କଳାକାର ।








# ଶାହିଦଙ୍କ ଭାଲେଣ୍ଟାଇନ ଭେଟି

ବିଶାଲ ଭରଦ୍ୱାଜଙ୍କ ନିର୍ଦ୍ଦେଶିତ ତଥା ଶାହିଦ କପୁର ଏବଂ ତ୍ରିପଟୀ ଡିମ୍ରିଙ୍କ ଅଭିନୀତ ୨୦୨୬ ହିନ୍ଦୀ ଆକ୍ସନ୍-ଥ୍ରୀଲର ଓ'ରୋମୋ ଫେବୃଆରୀ ୧୩ରେ ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା କହିଛନ୍ତି । ଏହି ଚଳଚ୍ଚିତ୍ରଟିର ଗୀତ "ଆଶିକନ୍ କି କଲୋନୀ"ବେଶ ଚର୍ଚ୍ଚାରେ ରହିଛି । ଯୁବପିଢ଼ିଙ୍କ ପାଇଁ ଶାହିଦଙ୍କ ଭାଲେଣ୍ଟାଇନ ଭେଟି ଏହି ଫିଲ୍ମ । ଯୁବପିଢ଼ିଙ୍କ ହୃଦୟ ଦୋହଲାଇଦେବ ନାହିଁ କେବଳ ବରଂ ପ୍ରେମରେ ମସଗୁଲ କରିବ ଏହି ଫିଲ୍ମ । ଏହି ଚଳଚ୍ଚିତ୍ରଟି ସାଜିଦ୍ ନାଦିଆଡୱାଲାଙ୍କ ଦ୍ୱାରା ନିର୍ମିତ ଏବଂ ମୁମ୍ବାଇର ହୁସେନ୍ ଜାଇଡିଙ୍କ ମାଫିଆ କୁଇନ୍ସରୁ ଗ୍ୟାଙ୍ଗଷ୍ଟର ହୁସେନ୍ ଉଷ୍ଟାରାଙ୍କ ଜୀବନ ଦ୍ୱାରା ଅନୁପ୍ରାଣିତ ଏକ ଆକ୍ସନ୍-ପ୍ରତିଶୋଧ ଡ୍ରାମା ବୋଲି ଜଣାଯାଇଛି । ନିର୍ଦ୍ଦେଶକ ବିଶାଲ ଭରଦ୍ୱାଜଙ୍କ ପାଇଁ ଏକ ଚ୍ୟାଲେଞ୍ଜ ମଧ୍ୟ । ଶାହିଦଙ୍କ ସହ-ତାରକା ତ୍ରିପାଠୀ ଡ୍ରିମି, ନାନା ପାଟେକର ରହିଛନ୍ତି ଷ୍ଟାରକାଷ୍ଟରେ ।

# ଆଉ ଗୀତ ଗାଇବେନି ଅରିଜିତ ସିଂ

ଆଉ ଗୀତ ଗାଇବେନି ବଲିଉଡର ପ୍ରଖ୍ୟାତ କଣ୍ଠଶିଳ୍ପୀ ଅରିଜିତ ସିଂ । ସେ କହିଛନ୍ତି ଯେ ମୁଁ ଏବେ ବୋର୍ ହୋଇଗଲିଣି, ଆଉ ଗୀତ ଗାଇବିନି ! ଏନେଇ ନିଜେ ସୋସିଆଲ ମିଡିଆ ଆକାଉଣ୍ଟରେ ଘୋଷଣା କରିଛନ୍ତି ନିଜେ ଅରିଜିତ ସିଂ । ବଲିଉଡର ସବୁଠାରୁ ଲୋକପ୍ରିୟ ଗାୟକ ହେଉଛନ୍ତି ଅରିଜିତ ସିଂ । ବର୍ଷର ପ୍ରଥମ ମାସରେ ହିଁ ଏକ ଆଶ୍ଚର୍ଯ୍ୟଜନକ ଘୋଷଣା କରିଛନ୍ତି ବଲିଉଡ କଣ୍ଠଶିଳ୍ପୀ ଅରିଜିତ୍ ସିଂ । ସେ ବଲିଉଡରେ ପ୍ଲେ-ବ୍ୟାକ୍ ସିଙ୍ଗିଙ୍ଗ୍ ବା ଫିଲ୍ମ ପାଇଁ ଗୀତ ଗାଇବାକୁ ନୂଆ ପ୍ରୋଜେକ୍ଟ ନେବେ ନାହିଁ । ନିଜ ସୋସିଆଲ ମିଡିଆ ସାଇଟ୍‌ରେ ପୋଷ୍ଟ କରି ସେ ଏହି ଖବର ଫ୍ୟାନ୍ସଙ୍କୁ ଜଣାଇଛନ୍ତି । ତେବେ ଯେଉଁ ସବୁ ଗୀତ ପାଇଁ ସେ ପୂର୍ବରୁ ଚୁକ୍ତି କରିଛନ୍ତି, ସେଗୁଡ଼ିକୁ ସେ ଶେଷ କରିବେ । ତେଣୁ ଚଳିତ ବର୍ଷ ତାଙ୍କର କିଛି ନୂଆ ଫିଲ୍ମ ଗୀତ ଶୁଣିବାକୁ ମିଳିପାରେ । ଅରିଜିତ ସିଂହଙ୍କ ଅବସର ଘୋଷଣା ପରେ ତାଙ୍କ ପ୍ରଶଂସକମାନେ ସ୍ତବ୍ଧ ହୋଇଯାଇଛନ୍ତି । ସୋସିଆଲ ମିଡିଆରେ ଅନେକେ ଏହାକୁ ଭାରତୀୟ କ୍ରିକେଟର ବିରାଟ କୋହଲିଙ୍କ ଟେଷ୍ଟ ଅବସର ସହ ତୁଳନା କରିଛନ୍ତି । ବଲିଉଡରେ ଦୀର୍ଘ ଦଶନ୍ଧି ଧରି ସେ ଶ୍ରେଷ୍ଠ ଗାୟକ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ତେବେ ସେ କେବଳ ଫିଲ୍ମ ପାଇଁ ଗୀତ ଗାଇବା ବନ୍ଦ କରୁଛନ୍ତି, କିନ୍ତୁ ସଙ୍ଗୀତ ଛାଡୁ ନାହାଁନ୍ତି । ସେ ନିଜସ୍ୱ ଆଲବମ୍ ଏବଂ ସ୍ୱାଧୀନ ସଙ୍ଗୀତ କ୍ଷେତ୍ରରେ କାମ ଜାରି ରଖିବେ ବୋଲି ସୂଚନା





# ବିବାଦର ଅନ୍ତ ଘଟାଇ ରିଲିଜ୍ ହେଲା ପରୀ

ଅନେକ ବାଦବିବାଦର ଅନ୍ତ ଘଟାଇ ନୂଆ ଓଡିଆ ଚଳଚ୍ଚିତ୍ର 'ପରୀ' ସାରା ଓଡ଼ିଶାରେ ୨୦ଟି ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଥିବା ବେଳେ ଭୁବନେଶ୍ୱରସ୍ଥିତ ସ୍ତୁତି ସିନେପ୍ଲେକ୍ସରେ ଏହାର ପ୍ରିମିୟର ଶୋ ହୋଇଥିଲା । ଅନେକ ସିନେ ପ୍ରଯୋଜକ, ନିର୍ଦ୍ଦେଶକ, କଳାକାର ଏବଂ ସିନେ ସମୀକ୍ଷକ ଦର୍ଶକଙ୍କ ସହିତ ଏକାଠି ପରୀ ଦେଖିଥିଲେ । ପରୀକୁ ପ୍ରଯୋଜନା କରିଛନ୍ତି ସଞ୍ଜୟ ମହାନ୍ତି ଏବଂ ନିର୍ଦ୍ଦେଶନା ଦେଇଛନ୍ତି ତ୍ରିପତି ସାହୁ । ସଂଳାପ ଡଃ ରଜନୀ ରଞ୍ଜନ ଲେଖିଥିବା ବେଳେ ପ୍ରମୋଦ ପରିଡାଙ୍କ ରଚିତ ଗୀତ ଗୁଡିକୁ ଜାପାନୀ ଭାଇ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି । କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ, ରୁକୁ ସୁନା, ଡାକ୍ତର ରୋହନ ବିଶ୍ୱାଳ କଣ୍ଠଦାନ କରିଛନ୍ତି । କୋରିଓଗ୍ରାଫର ଅମିତ ନାୟକ ଏବଂ ଏସ୍‌କେ ମୁରଲୀଧରନ୍ ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି । ମୁଖ୍ୟ ଚରିତ୍ରରେ ନାୟକ ଜ୍ୟୋତି ରଞ୍ଜନ ନାୟକ, ନାୟିକା ଅନୁରାଧା ପାଣିଗ୍ରାହୀ ରହିଛନ୍ତି । ଜ୍ୟୋତି ଏବଂ ଅନୁରାଧା ଙ୍କ କେମେଷ୍ଟ୍ରି କୁ ଦର୍ଶକ ଢେର ପ୍ରଶଂସା କରିଛନ୍ତି । କାହାଣୀ ରଚନା ସହିତ ପ୍ରଯୋଜନା କରିଛନ୍ତି ସଞ୍ଜୟ ମହାନ୍ତି । ସହ ନିର୍ମାତା ରହିଛନ୍ତି ଚନ୍ଦନ ସ୍ୱାଇଁ ଏବଂ ଅନିଲ ବଳିୟାରସିଂହ । ଧ୍ରୁବାନନ୍ଦ ପଣ୍ଡା (ଲିଟୁ) ଡିଓପି ରହିଥିବା ବେଳେ ଚନ୍ଦ୍ରଶେଖର ମିଶ୍ର ପରୀର ସମ୍ପାଦନା କରିଛନ୍ତି । ପ୍ରଚାର ଓ ପ୍ରସାର ଦାୟିତ୍ୱରେ ମିଡ଼ିଆ ପ୍ଲାନର କ୍ରିଏଟିଭ ହେଡ୍ ପ୍ରଣୟ ଜେଠୀ ରହିଛନ୍ତି । ଶ୍ରୀତମ ଦାସ, ନୀଳମଣି ସାହୁ, ପ୍ରଦ୍ୟୁମ୍ନ ଲେଙ୍କା, ସୌମ୍ୟ ଅଧିକାରୀ, ଗୁଡ୍ଡୁ, ଜଗନ୍ନାଥ ସାହୁ, ନରେଶ ରାଉତରାୟ, ନିରଞ୍ଜନ ଆଚାର୍ଯ୍ୟ, ବିଶାଳ, ପପି ସାନ୍ତୁକା, ଶିଶୁ କଳାକାର ଦିବ୍ୟାଂଶୀ ଓ ସ୍ନେହାଙ୍କ ଭଳି ଅନେକ କଳାକାର ଅଭିନୟ କରିଛନ୍ତି । ପରୀ ଦେଖିବା ପରେ ଦର୍ଶକମାନଙ୍କ ମଧ୍ୟରେ ଏକ ଜାଗ୍ରତ ଭାବ ପରିଲକ୍ଷିତ ହୋଇଛି । ପରୀ କେବଳ ଜଣଙ୍କର ନୁହେଁ ବରଂ ପରୀ ଏ ସମାଜର ବୋଲି ଦର୍ଶକ ଅନୁଭବ କରିଛନ୍ତି । ପରୀ ଚଳଚ୍ଚିତ୍ର ସମାଜ ପାଇଁ ଏକ ବାର୍ତ୍ତା ବୋଲି ଅନେକ ଦର୍ଶକ ଭାବ ବିହ୍ୱଳ ହୋଇ ମତ ଦେଇଥିଲେ । ତେବେ ମୁକ୍ତିଲାଭ ଦିନର ଭିଡ଼ ଏବଂ ଦର୍ଶକଙ୍କର ଭଲ ପାଇବା ଲକ୍ଷ୍ୟ କରି ପରୀ ଚଳଚ୍ଚିତ୍ର ନିଶ୍ଚୟ ଦର୍ଶକାଦୃତ ହେବ ବୋଲି ପ୍ରଯୋଜନା ସଂସ୍ଥା ଆଶା ପ୍ରକଟ କରିଛି ।

ପିଲା ପାଳନ

# ଶାଠର ଆବଶ୍ୟକତା



ପିଲାମାନଙ୍କୁ କେବଳ ପାଠ ପ ଢ଼ିବା ପାଇଁ ସୁଯୋଗ ସୃଷ୍ଟି କରିବା ଉଚିତ ନୁହେଁ। ସେମାନଙ୍କ ପାଇଁ ଶାଠର ବି ଆବଶ୍ୟକତା ରହିଛି। ଯେଉଁମାନେ କେବଳ ପାଠକୁ ଗୁରୁତ୍ୱ ଦେଇ କ୍ୟାରିୟର ଗଢ଼ିବାକୁ ପିଲାଙ୍କୁ ବାଧ୍ୟ କରିଥାନ୍ତି, ସେମାନେ ବହୁତ ବଡ଼ ଭୁଲ କରୁଛନ୍ତି। ପିଲାଙ୍କୁ ପାଠ ପଢ଼େଇଦେଲେ ହେବ ନାହିଁ, ସେମାନଙ୍କ ଜୀବନରେ ବ୍ୟବହାରିକ ଜ୍ଞାନ,



ସଣ୍ଢଣା ଶିଖେଇବା ଦରକାର। କେବଳ ପାଠ୍ୟ ପୁସ୍ତକ ପଢ଼ିଦେଲେ ସମସ୍ତ ଜ୍ଞାନ ଆହରଣ କରିହେବନାହିଁ। ପାଠ୍ୟ ପୁସ୍ତକ ପଢ଼ି, ପରୀକ୍ଷାରେ ପାସ୍ କରି ଚାକିରି କରିହେବ ସିନା କିନ୍ତୁ ବ୍ୟବହାରିକ ଜୀବନରେ ଯେଉଁ ଜ୍ଞାନର ଆବଶ୍ୟକତା ରହିଛି, ଏଥିରୁ ମିଳିବ ନାହିଁ। ଦୈନନ୍ଦିନ ଜୀବନରେ ଯେଉଁସବୁ ଜ୍ଞାନର ଆବଶ୍ୟକତା ରହିଛି, ତାହା କୌଣସି ବହି କି ଡିଗ୍ରୀରୁ ମିଳିପାରିବ ନାହିଁ। ଏଥିପାଇଁ ସମାଜକୁ ମୁକ୍ତ ବିଶ୍ୱବିଦ୍ୟାଳୟ କୁହାଯାଏ, ଯେଉଁଠୁ ସବୁ ପ୍ରକାର ଜ୍ଞାନ ଆହରଣ କରିହେବ। ପାଠ ଓ ଶାଠ ମଧ୍ୟରେ ସେଥିପାଇଁ ଅନେକ ଫରକ ରହିଛି। ସ୍କୁଲରୁ ଅଧାରୁ ପାଠ ଛାଡ଼ିଥିବା ଅନେକ ବ୍ୟକ୍ତି ବି ଶୀର୍ଷସ୍ଥାନରେ ପହଞ୍ଚି ପାରିଛନ୍ତି। ଏଣୁ ଯଥାର୍ଥରେ କୁହାଯାଇପାରେ ପାଠ ସହିତ ଶାଠର ଆବଶ୍ୟକତା ଅନେକ ରହିଛି। ପାଠ ଆମକୁ ସିନା ଶିକ୍ଷିତ କରାଏ, ହେଲେ ଶାଠ ବ୍ୟବହାରିକ ଜ୍ଞାନ ବାବଦରେ ଶିକ୍ଷା ପ୍ରଦାନ କରିଥାଏ। ଆଚାର, ବିଚାର, ବ୍ୟବହାର, ଚାଲିଚଳନ ହିଁ ଶାଠର ଅନ୍ତର୍ଭୁକ୍ତି। ଯେଉଁମାନେ ଶାଠ ଜାଣିନାହାନ୍ତି, ଯେତେ ଶିକ୍ଷିତ ହେଲେ ସୁଦ୍ଧା କାହାକୁ କିଭଳି ବ୍ୟବହାର ପ୍ରଦର୍ଶନ କରିବେ, ତାହା ଶିଖିପାରିବେ ନାହିଁ। ପିଲାଙ୍କ ପାଇଁ ଉଭୟ ପାଠ ଓ ଶାଠର ଆବଶ୍ୟକତା ରହିଛି। ଯାହାକୁ ଆଜିକାଲିର ଅଭିଭାବକମାନେ ଗୁରୁତ୍ୱ ଦେଉ ନାହାନ୍ତି। ଯେତେବେଳେ ନେଡ଼ିଗୁଡ଼ କହୁଣିକୁ ବୋହି ଆସୁଛି, ସେତେବେଳେ ଭାବୁଛନ୍ତି ପିଲାଟା ଅବାଟକୁ ଚାଲିଗଲା। ପିଲା ଖରାପ କି ଭଲ ହେବା, ପିତାମାତାଙ୍କ ଉପରେ ନିର୍ଭର କରେ।



# ପ୍ରତିଜ୍ଞା ରକ୍ଷା କରନ୍ତୁ





ସବୁବେଳେ ନିଜ କଥା ରକ୍ଷା କରିବା ଉଚିତ। କାହାକୁ ଯଦି କିଛି କଥା ଦେଇଛନ୍ତି, ତାହା ପାଳନ କରିବା ଦରକାର। କେବଳ ଏହା ବ୍ୟକ୍ତିଗତ କ୍ଷେତ୍ରରେ ନୁହେଁ, ନିଜର ପ୍ରଫେସନାଲ୍ ଲାଇଫ୍‌ରେ ପାଳନ କରିବାର ଆବଶ୍ୟକତା ରହିଛି। ଅଫିସ୍‌ରେ ଯେହେତୁ ଅନେକ ଲୋକଙ୍କୁ ନେଇ କାର୍ଯ୍ୟ ହୋଇଥାଏ, ସେଥିପାଇଁ ପରସ୍ପର ଉପରେ ସମସ୍ତେ ନିର୍ଭରଶୀଳ ଥାଆନ୍ତି। କାହାର ବିନା ସହଯୋଗରେ କିଛି କାମ ହୁଏନାହିଁ। ନିଜେ ଯେମିତି ଅନ୍ୟ ଉପରେ ନିର୍ଭର ହୋଇଥାନ୍ତି, ଅନ୍ୟମାନେ ମଧ୍ୟ ସେମିତି ନିର୍ଭର କରିଥାନ୍ତି। ଯଦି କାହାକୁ କିଛି କାମ କରିବା ପାଇଁ ପ୍ରମିଜ୍ କରିଥାନ୍ତି, ତାହା ସେହି ସମୟ ମଧ୍ୟରେ କରିବା ଦରକାର। ଅନେକ ସମୟରେ ଏହି କଥାକୁ ଗୁରୁତ୍ୱ ଦେଇ ନଥାନ୍ତି। ଆଜି ନକଲେ ବି କାଲି କରିଦେବି କହି କାମଟିକୁ ପକାଇ ଦେଇଥାନ୍ତି। ଏଭଳି ଅବହେଳା ପ୍ରଦର୍ଶନ କରିବା ଦ୍ୱାରା ନିଜ କଥାର କିଛି ମୂଲ୍ୟ ରହି ନଥାଏ। ଅନ୍ୟମାନେ ମଧ୍ୟ ସେତିକି ଭରସାକୁ ଆଣି ପାରି ନଥାନ୍ତି। ଯାହାକୁ ଯେତେବେଳେ ଯେଉଁ କାମ କରିବା ପାଇଁ କହିଛନ୍ତି, ଠିକ୍ ସେହି ସମୟରେ କରିବା ଦ୍ୱାରା ନିଜ ବ୍ୟକ୍ତିତ୍ୱ ଉପରେ କେହି ଆଙ୍ଗୁଳି ଉଠାଇ ନଥାନ୍ତି। ସବୁଠାରୁ ବଡ଼ କଥା ହେଲା, ନିଜ ବ୍ୟକ୍ତିତ୍ୱକୁ ମଳିନ ନପକାଇବା। ନିଜେ ଯଦି ଅନ୍ୟମାନଙ୍କ ଠାରୁ ବିଶ୍ୱାସ ହରାଇଲେ, ଅନ୍ୟ ସମୟରେ କେହି ବିଶ୍ୱାସ କରିବେ ନାହିଁ। ଏଣୁ ସବୁବେଳେ ନିଜ କଥାକୁ ପରିପାଳନ କରିବା ଜରୁରୀ।

ଜୀବନଶୈଳୀ

# ବିଷମୁକ୍ତ କ୍ଷେତ



ବାଦଲ ଭୂୟାଁ

ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ। ଓଡ଼ିଶାର କୃଷକମାନେ ପ୍ରାୟତଃ ଏବେ ବି ରାସାୟନିକ ସାର ପ୍ରୟୋଗ କରି ଫସଲ ଅମଳ କରୁଛନ୍ତି। ଏପରିକି ସାଧାରଣ କୁହାଯାଉଥିବା ଶାଗରେ ମଧ୍ୟ ଆଜିକାଲି ସାର ପ୍ରୟୋଗ ହେଉଛି। ବଜାରରେ ମିଳୁଥିବା ଫୁଲ ମଧ୍ୟ ଏଥିରୁ ବର୍ତ୍ତି ପାରୁନାହୁଁ। ତେବେ କେତେକ ଚାଷୀ ଯଦିଓ ସାର ବଦଳରେ ଗୋବର ପରି ପ୍ରାକୃତିକ କମ୍ପୋଷ୍ଟକୁ ବ୍ୟବହାର କରୁଛନ୍ତି ତେବେ ସେମାନଙ୍କ ସଂଖ୍ୟା ଅତ୍ୟନ୍ତ ନଗଣ୍ୟ। ସାମ୍ପ୍ରତିକ ସମୟରେ ଚାଷୀଟିଏ କ୍ଷେତରେ ଜୈବିକ ଖତ ପ୍ରୟୋଗ କରିବା ପ୍ରତି ଯେତିକି ଯତ୍ନବାନ ହେଉନାହିଁ ତା'ଠାରୁ ଅଧିକ ଯତ୍ନବାନ ହେଉଛି ଫସଲରେ ରାସାୟନିକ ସାର ଓ କୀଟନାଶକ ଇତ୍ୟାଦିର ପ୍ରୟୋଗ ପ୍ରତି। ଏହାଦ୍ୱାରା ସେ ଯେ କେବଳ ନିଜର କ୍ଷେତ ଓ ଫସଲକୁ ବିଷାକ୍ତ କରୁଛି ତା'ନୁହେଁ, ନିଜର ଜୀବନକୁ ମଧ୍ୟ ବିଷାକ୍ତ କରୁଛି ଯେଉଁଥିପାଇଁ ବେଳେ ବେଳେ ନିଜର ଜୀବନକୁ ହରାଇବାକୁ ପଡୁଛି। ଏଇ କୀଟନାଶକ ଯୋଗୁଁ ଗତବର୍ଷ ମହାରାଷ୍ଟ୍ରର ଅମରାବତୀ ଏବଂ ୟବତ୍‌ମାଲ ଜିଲ୍ଲାର ନିହାତି କମ୍‌ରେ ୪୦ଜଣ ଚାଷୀ ଓ କୃଷି ଶ୍ରମିକ ପ୍ରାଣ ହରାଇବା ସହିତ କୀଟନାଶକର ବିଫଳତା ଯୋଗୁଁ ଓଡ଼ିଶାରେ, ବିଶେଷକରି ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ଚକଡ଼ା ପୋକଙ୍କ ପ୍ରାଦୁର୍ଭାବ ଦେଖା ଦେଇଥିଲା ଯେଉଁଥିପାଇଁ ଏସବୁ ଅଞ୍ଚଳର କିଛି ଚାଷୀଙ୍କର ବ୍ୟାପକ ଫସଲ ହାନୀ ହୋଇଥିଲା ଏବଂ ତାକୁ ସହି ନପାରି ସେମାନଙ୍କ ମଧ୍ୟରୁ କିଛି ଚାଷୀ ଆତ୍ମହତ୍ୟା କରିଥିବାର ଖବର ମଧ୍ୟ ବିଭିନ୍ନ ସମୟରେ ସମ୍ବାଦପତ୍ର ମାନଙ୍କରେ ପ୍ରକାଶିତ ହୋଇଥିଲା। ପରେ ନକଲି କୀଟନାଶକ ଓଡ଼ିଶାର ଚାଷୀମାନଙ୍କ ଦୁର୍ଦ୍ଦଶାର କାରଣ ବୋଲି ଅଭିଯୋଗ ମଧ୍ୟ ହୋଇଥିଲା। କୀଟନାଶକ ଯୋଗୁଁ ଚାଷୀମାନଙ୍କ ମୃତ୍ୟୁ ଘଟଣାର ତଦନ୍ତ ପାଇଁ ମହାରାଷ୍ଟ୍ର ସରକାର ଏକ ଏସ୍‌ଆଇଟି ଗଠନ କରିଥିଲେ ଯାହା ନିକଟରେ ତାର ରିପୋର୍ଟ ପ୍ରଦାନ କରିଛି। ରିପୋର୍ଟରେ ଚାଷୀ ମୃତ୍ୟୁ ପାଇଁ ରାଜ୍ୟ ସରକାରଙ୍କ ପ୍ରଶାସନିକ କଳକୁ ଦାୟୀ କରାଯିବା ସଙ୍ଗେ ସଙ୍ଗେ ମୃତ୍ୟୁର ଶିକାର ହୋଇଥିବା ଚାଷୀମାନଙ୍କୁ ମଧ୍ୟ ଦାୟୀ କରାଯାଇଛି, କାରଣ ଏହିସବୁ ଚାଷୀମାନେ ବିଷାକ୍ତ ଦ୍ରବ୍ୟ ବ୍ୟବହାର କରିବା ସମୟରେ ସୁରକ୍ଷାର ନିୟମଗୁଡ଼ିକୁ କଡ଼ାକଡ଼ି ପାଳନ କରିବାରେ ବିଫଳ ହୋଇଥିଲେ। ଭବିଷ୍ୟତରେ ଏଭଳି ଘଟଣା ଯେପରି ନଘଟିବ, ସେଥିପାଇଁ ଏସ୍‌ଆଇଟି କେତେଗୁଡ଼ିଏ ପ୍ରତିଷେଧକ ମୂଳକ ବ୍ୟବସ୍ଥା ସୁପାରିସ କରିଛନ୍ତି। ସେଗୁଡ଼ିକ ଯଥାକ୍ରମେ କୀଟନାଶକର ମାନ ପରୀକ୍ଷା କରିବା ନିମନ୍ତେ ଉତ୍ସର୍ଗୀକୃତ ମନୋଭାବସମ୍ପନ୍ନ ଗୁଣାତ୍ମକ ମାନ ଯାଞ୍ଚ କର୍ମଚାରୀ ନିଯୁକ୍ତି ଜିଲ୍ଲା ଓ ଗ୍ରାମାଞ୍ଚଳର ହସ୍ପିଟାଲଗୁଡ଼ିକରେ ଆଇସିୟୁ ପ୍ରତିଷ୍ଠା କରିବା ସହିତ ଯେଉଁସବୁ ଚାଷୀ ବା କୃଷି ଶ୍ରମିକ କୀଟନାଶକ ବ୍ୟବହାର ସମ୍ପର୍କିତ ନିୟମାବଳୀଗୁଡ଼ିକୁ ନ ମାନିବେ, ସେମାନଙ୍କ ପାଇଁ ଆଇପିସିରେ କଠୋର ଦଣ୍ଡବିଧାନର ବ୍ୟବସ୍ଥା କରିବା ଇତ୍ୟାଦି ରହିଛି। ଏତଦ୍‌ବ୍ୟତୀତ କମିଟି ମନୋକ୍ରୋଟୋଫସ୍ ଏବଂ ପଞ୍ଜିକୃତ ହୋଇ ନଥିବା ଉଦ୍ଭିଦ ବୃଦ୍ଧି ନିୟନ୍ତ୍ରକ ଦ୍ରବ୍ୟଗୁଡ଼ିକ ଉପରେ ନିଷେଧାଦେଶ ଜାରି କରିଛନ୍ତି।

କୃଷି ପ୍ରଧାନ ଦେଶ ଭାରତରେ କୃଷିର ଭିତ୍ତିଭୂମି ବିପର୍ଯ୍ୟସ୍ତ ହୋଇ ପଡ଼ିଥିବା ବେଳେ ତଥା ଅଧିକାଂଶ କୃଷକଙ୍କ ଶିକ୍ଷାର ସ୍ତର ଅତ୍ୟନ୍ତ ଦୁର୍ବଳ ହୋଇଥିବା ବେଳେ ଏସ୍‌ଆଇଟିର ଏପରି ସୁପାରିସକୁ ନିରପେକ୍ଷ କହିବା ସହଜ ନୁହେଁ, ଯଦିଓ ଏଭଳି ପ୍ରସ୍ତାବ ଅତ୍ୟଧିକ ମହତ୍ତ୍ୱାକାଂକ୍ଷୀ ମନେହୁଏ। କାରଣ ଏହି ରିପୋର୍ଟରେ ଚାଷୀ ମୁଣ୍ଡରେ ଦୋଷ ଲଦିବାକୁ ଚେଷ୍ଟା କରାଯାଇଥିବା ଭଳି ମନେହୁଏ। ଏହା ପରିବର୍ତ୍ତେ ବରଂ କୀଟନାଶକଗୁଡ଼ିକର ଉତ୍ପାଦକମାନେ ସେମାନଙ୍କର ଭୂମିକା ଓ ଦାୟିତ୍ୱକୁ ସଠିକ ନିର୍ବାହ କରୁଛନ୍ତି କି ନାହିଁ, ସେସବୁର ଉତ୍ତମ ରୂପେ ତଦାରଖ କରାଯିବାର ଆବଶ୍ୟକତା ରହିଛି। ବସ୍ତୁତଃ, କୀଟନାଶକ ଆଇନରେ ଉଲ୍ଲେଖ ଅଛି ଯେ ସେଗୁଡ଼ିକୁ କିପରି ନିରାପଦରେ ବ୍ୟବହାର କରାଯାଇ ପାରିବ ଏବଂ ବ୍ୟବହାର ପୂର୍ବରୁ ସୁରକ୍ଷା ସମ୍ବନ୍ଧିତ ପଦକ୍ଷେପ ନେବାକୁ କୀଟନାଶକଗୁଡ଼ିକର ଉତ୍ପାଦନକର୍ତ୍ତା ଓ ଡିଷ୍ଟ୍ରିବ୍ୟୁଟରମାନେ ବ୍ୟବହାରକାରୀ ମାନଙ୍କ ପାଇଁ ଉତ୍ତମ ପ୍ରଶିକ୍ଷଣର ବ୍ୟବସ୍ଥା କରିବା ଆବଶ୍ୟକ। ଏତଦ୍‌ବ୍ୟତୀତ ମହାରାଷ୍ଟ୍ରର ଚାଷୀମାନଙ୍କ ମୃତ୍ୟୁ ପାଇଁ ମୁଖ୍ୟତଃ ମନୋକ୍ରୋଟୋଫସ୍ ଏବଂ ଅକ୍ସିଡିମେଟନ୍‌ମେଥିଲ୍ ନାମକ ଦୁଇଗୋଟି କୀଟନାଶକକୁ ଦାୟୀ କରାଯାଇଥିବା ବେଳେ ମାରାତ୍ମକ ବିଷାକ୍ତ ଦ୍ରବ୍ୟ ହୋଇଥିବାରୁ ଏ ଦୁଇଟିକୁ ପ୍ରଥମ ଶ୍ରେଣୀର କୀଟନାଶକ ବର୍ଗରେ ଅନ୍ତର୍ଭୁକ୍ତ କରାଯାଇଛି। ତେବେ ଏ ଦୁଇଟି କେବଳ ମହାରାଷ୍ଟ୍ର ନୁହେଁ, ସମଗ୍ର ଭାରତବର୍ଷରେ ବ୍ୟାପକ ଭାବରେ ବ୍ୟବହାର ହେଉଛି। ଏକ ସିଏସଇ ରିପୋର୍ଟର ତଥ୍ୟ ଅନୁସାରେ ୨୦୨୦-୨୧ରେ ଦେଶରେ ଯେତିକି ଓଜନର କୀଟନାଶକ ଦ୍ରବ୍ୟ ବ୍ୟବହୃତ ହୋଇଥିଲା, ତାର ପାଖାପାଖି ୩୦ ପ୍ରତିଶତ ଥିଲା ପ୍ରଥମ ଶ୍ରେଣୀର କୀଟନାଶକ। ତେଣୁ ମୋଟାମୋଟି ଏତିକି କୁହାଯାଇପାରେ ଯେ କୀଟନାଶକ ଦ୍ରବ୍ୟଗୁଡ଼ିକର ବ୍ୟବହାର ପାଇଁ ଦେଶରେ ଏକ ନୂଆ କୀଟନାଶକ ପରିଚାଳନା ଆଇନର ଆବଶ୍ୟକତା ରହିଛି। ବିଷାକ୍ତ ଦ୍ରବ୍ୟଗୁଡ଼ିକର ବ୍ୟବହାର କରାଯିବା ବେଳେ ଚାଷୀମାନଙ୍କ ସୁରକ୍ଷା ସହିତ ଲଗାତାର କୀଟନାଶକଗୁଡ଼ିକର ବ୍ୟବହାର ଯୋଗୁଁ ଖାଦ୍ୟ ପଦାର୍ଥରେ ରହି ଯାଉଥିବା ସେଗୁଡ଼ିକର ବିଷାକ୍ତ ଅଂଶକୁ କିପରି ରୋକାଯାଇ ପାରିବ, ସେ ସମ୍ବନ୍ଧରେ ମଧ୍ୟ ଉକ୍ତ ଆଇନରେ ନିଶ୍ଚିତ କରାଯିବା ଉଚିତ।

**୪ଜି, ପ୍ରତାପ ଆପାର୍ଟମେଣ୍ଟ, ୭ଏକ୍ସଟେନ୍‌ସନ ରୋଡ଼,**
**ପୁରୁଣା ସୋନାରୀ, ଜାମସେଦପୁର,**
**ଦୂରଭାଷ : ୯୨୦୪୬୫୨୦୬୫, ୯୧୭୪୮୮୯୯୮୫୩୨**






ସ୍ୱାସ୍ଥ୍ୟ ସ୍ୱତନ୍ତ୍ର

# ଘାତକ କର୍କଟ ପ୍ରତି ରୁହନ୍ତୁ ସତର୍କ


ଡାକ୍ତର ସନ୍ଦୀପ କୁମାର ବାରିକ

ବିଭିନ୍ନ କାରଣ ଯୋଗୁଁ ଏବେ ଆମ ଦେଶ ତଥା ରାଜ୍ୟରେ କର୍କଟ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଇଣ୍ଡିଆନ୍ କାଉନ୍ସିଲ୍ ଅଫ୍ ମେଡିକାଲ ରିସର୍ଚ୍ଚ (ଆଇସିଏମ୍ଆର)ର ରିପୋର୍ଟ ଅନୁଯାୟୀ ଭାରତରେ କର୍କଟ ରୋଗ ବୃଦ୍ଧି ଘଟୁଛି। ଏପରିକି ଆସନ୍ତା ୫ ବର୍ଷ ମଧ୍ୟରେ ଭାରତରେ କର୍କଟ ରୋଗୀଙ୍କ ସଂଖ୍ୟା ୧୨ ପ୍ରତିଶତ ବୃଦ୍ଧି ପାଇବ ବୋଲି ଆଶଙ୍କା ମଧ୍ୟ କରାଯାଇଛି। ତେବେ ଲୋକମାନେ ସଚେତନ ହେଲେ ଏହି କର୍କଟ ରୋଗର ହାର ଯଥେଷ୍ଟ ହ୍ରାସ ପାଇବ । ବର୍ତ୍ତମାନର ପରିସ୍ଥିତିକୁ ବିଚାରକୁ ନେଲେ ଯାହା ଅନୁମାନ କରାଯାଏ ୨୦୨୫ ସୁଦ୍ଧା ଭାରତରେ କର୍କଟରୋଗୀଙ୍କ ସଂଖ୍ୟା ୧୫.୬୯ ଲକ୍ଷ ଅତିକ୍ରମ କରିବ। ଆଇସିଏମଆର୍ ରିପୋର୍ଟରେ ପ୍ରକାଶ ପାଇଛି ଯେ ଦିଲ୍ଲୀରେ ପିଲାମାନଙ୍କଠାରେ କର୍କଟ ରୋଗ ସଂଖ୍ୟା ବୃଦ୍ଧି ପାଉଛି। ଏହି ଆଇସିଏମ୍ଆର୍ ରିପୋର୍ଟ ଏବେ ଡାକ୍ତର ଓ ବିଶେଷଜ୍ଞମାନଙ୍କୁ ଚିନ୍ତାରେ ପକାଇଦେଇଛି। ଏହି ରିପୋର୍ଟରୁ ଜଣାପଡ଼ିଛି ଯେ, ୨୦୨୧ ମସିହାରେ ମୋଟ କ୍ୟାନସରର ୩୩.୩% ତମାଖୁ ବ୍ୟବହାର ଯୋଗୁଁ ଲୋକମାନେ କ୍ୟାନସରରେ ପୀଡ଼ିତ ହୋଇଥିବା ଜଣାପଡ଼ିଛି। ତେବେ ଏହା ମଧ୍ୟରୁ ୪୮.୭% ପୁରୁଷ କ୍ୟାନସରରେ ପୀଡ଼ିତ ହୋଇଥିବାବେଳେ ୧୬.୫% ମହିଳା କ୍ୟାନସରରେ ପୀଡ଼ିତ ହୋଇଛନ୍ତି। ବେଙ୍ଗାଲୁରୁ ସ୍ଥିତ ନ୍ୟାସନାଲ୍ ସେଣ୍ଟର ଅଫ ଡିଜିଜ୍ ଇନ୍‌ଫରମେଟିକ୍ ଆଣ୍ଡ୍ ରିସର୍ଚ୍ଚ ଓ ଇଣ୍ଡିଆନ କାଉନ୍ସିଲ୍ ଅଫ୍ ମେଡିକାଲ୍ ରିସର୍ଚ୍ଚ ଇନ୍‌ଫରମେଟିକ୍ ଆଣ୍ଡ ରିସର୍ଚ୍ଚ ଶାଖା ପକ୍ଷରୁ ଏହି କ୍ୟାନସର ରୋଗ ଉପରେ ମିଳିତ ସର୍ଭେ କରାଯାଇଛି। ତଥ୍ୟ ଅନୁଯାୟୀ ଦୀର୍ଘ ୭ ବର୍ଷ ଧରି ଏନ୍‌ସିଡିଆଇଆର କ୍ୟାନସର କେସ୍ ଉପରେ ସର୍ଭେ କରିଆସୁଛି। ସେହିଭଳି ସମଗ୍ର ଏସିଆରେ ମହିଳାମାନଙ୍କ ମଧ୍ୟରେ ଫୁସଫୁସ କର୍କଟ ରୋଗର ସର୍ବାଧିକ ମାମଲା ଦେଖାଯାଇଛି। ଦୀର୍ଘଦିନ ଧରି କର୍କଟ ରୋଗରେ ଦ୍ରୁତ ଅଭିବୃଦ୍ଧି ହେଉଥିବା ଲକ୍ଷ୍ୟ କରାଯାଇଛି ଏବଂ ଏହା ପଛରେ ତମାଖୁ ଏକ ବଡ଼ କାରଣ ଭାବେ ଉଭା ହୋଇଛି। କେବଳ ତମାଖୁ ନୁହେଁ ବିଭିନ୍ନ ପ୍ରକାର ନିଶା ବା ମାଦକ ଦ୍ରବ୍ୟ ସେବନ ଦ୍ୱାରା କର୍କଟ ରୋଗୀଙ୍କ ସଂଖ୍ୟା ବଢ଼ିଛି। ୪୦ ପ୍ରତିଶତ କର୍କଟ ତମାଖୁ ସେବନ ହେତୁ ହୋଇଥାଏ ଏବଂ ବର୍ତ୍ତମାନ ଏହି ରୋଗ ୨୦-୨୫ ବର୍ଷର ଯୁବକମାନଙ୍କ ମଧ୍ୟରେ ଅଧିକ ଦେଖାଯାଉଛି। ତମାଖୁ ସେବନକୁ ଠିକ ସମୟରେ ନିୟନ୍ତ୍ରଣ କରାଯିବା ଦରକାର। ଯଦି ଏହା ନ ହୁଏ, ତେବେ ଆଗାମୀ ଦିନରେ ଫୁସଫୁସ କର୍କଟ ରୋଗ ଭୟଙ୍କର ଭାବେ ବୃଦ୍ଧି ପାଇବା ସମ୍ଭାବନା ରହିଛି। ୧୦ ବର୍ଷ ମଧ୍ୟରେ ଆମେ କର୍କଟ ରୋଗୀଙ୍କ ସଂଖ୍ୟା ବୃଦ୍ଧି ହୋଇଥିବା ଦେଖିବାକୁ ପାଇଛୁ। ତମାଖୁ ଏବଂ ବାୟୁପ୍ରଦୂଷଣ ସହ ଜଡ଼ିତ ରୋଗ କର୍କଟର ମୂଳ ଉତ୍ସ ବୋଲି ନିଃସନ୍ଦେହରେ କୁହାଯାଇପାରେ। 'ଗ୍ଲୋବାଲ ବର୍ଡେନ ଅଫ୍ ଡିଜିଜ୍ ଷ୍ଟଡ଼ି' ଅନୁଯାୟୀ ମହିଳାମାନଙ୍କ କ୍ଷେତ୍ରରେ ଭାରତରେ ସର୍ବାଧିକ ସ୍ତନ କର୍କଟ ରୋଗ ଦେଖାଦେଉଛି। ମହିଳାମାନଙ୍କଠାରେ ସ୍ତନ କର୍କଟ ସହିତ ଗର୍ଭାଶୟ କର୍କଟ, କୋଲେନ୍ କର୍କଟ, କୋଲନ୍ ଏବଂ ରେକ୍ଟମ ସମସ୍ୟା ମଧ୍ୟ କିଛି କମ୍ ନୁହେଁ। ଏହାଛଡ଼ା କେତେକାଂଶରେ ଓଠ କର୍କଟ ରୋଗ ମଧ୍ୟ ଦେଖିବାକୁ ମିଳୁଛି। ଅଧ୍ୟୟନ ଅନୁଯାୟୀ ମହିଳାମାନଙ୍କଠାରେ ଜରାୟୁ, ଗ୍ରୀବା, ଗର୍ଭାଶୟ କର୍କଟ, ବୃହଦନ୍ତ୍ର କର୍କଟ, ମୁଖ ଗହ୍ୱର କର୍କଟ ଆଦି ଦେଖିବାକୁ ମିଳୁଥିବାବେଳେ ପୁରୁଷଙ୍କ ଶରୀରରେ କୋଲନ କର୍କଟ, ସ୍ତନ କର୍କଟ, ମୁଖ ଓ ଗହ୍ୱର କର୍କଟ ଆଦି ଦେଖିବାକୁ ମିଳିଛି। ଉଭୟ ମହିଳା ଓ ପୁରୁଷଙ୍କ କ୍ଷେତ୍ରରେ ଏବେ ବିଭିନ୍ନ ପ୍ରକାର କର୍କଟ ରୋଗ ଦେଖାଦେଉଛି। ବିଶେଷ କରି ଠିକ୍ ସମୟରେ ଖାଦ୍ୟ ଗ୍ରହଣ ନକରିବା






ଏବଂ ଉପଯୁକ୍ତ ଶାରୀରିକ ପରିଶ୍ରମ ନକରିବା ଘଟଣା କର୍କଟ ରୋଗକୁ ଅଧିକ ପ୍ରୋତ୍ସାହିତ କରିଥାଏ। ତେବେ ସେ ଯାହା ହେଉନା କାହିଁକି ଆମ ଶରୀରରେ ଯଦି କିଛି ବ୍ୟତିକ୍ରମ ଦେଖାଦିଏ ତେବେ ତୁରନ୍ତ ବିଶେଷଜ୍ଞ ଓ ଡାକ୍ତରମାନଙ୍କ ପରାମର୍ଶ ନିଆଯିବା ଜରୁରି। ଦୀର୍ଘଦିନ ଧରି ଘା' ବା କ୍ଷତଚିହ୍ନ ନ ଶୁଖିବା, ଝାଡ଼ା ପରିସ୍ରାରେ କିମ୍ବା ବାନ୍ତିରେ ବାରମ୍ବାର ରକ୍ତ ପଡ଼ିବା, ଶରୀରର କୌଣସି ସ୍ଥାନରେ ଗେଟାଳିଆ ବା ଆବୁ ଦେଖାଦେବା କ୍ୟାନସର ରୋଗର ମୂଳ ଲକ୍ଷଣ ହୋଇଥାଏ। ଏଭଳି ସ୍ଥିତିରେ କାଳବିଳମ୍ବ ନକରି ଡାକ୍ତରଙ୍କ ପରାମର୍ଶ ନିଆଯିବା ଉଚିତ। ଏବେ ପାକସ୍ଥଳୀ କର୍କଟ ରୋଗୀଙ୍କ ସଂଖ୍ୟା ମଧ୍ୟ କିଛି କମ୍ ନାହିଁ। ତେଣୁ ଗ୍ୟାଷ୍ଟ୍ରିକ୍ ସମସ୍ୟା ଉପୁଜିବା



ମାତ୍ରେ ଏହାର ପ୍ରତିକାର କରାଯିବା ନିହାତି ଆବଶ୍ୟକ। ବିଶେଷ କରି କହିବାକୁ ଗଲେ ପ୍ରାଥମିକ ପର୍ଯ୍ୟାୟରେ କର୍କଟ ରୋଗ ଚିହ୍ନଟ ହୋଇପାରିଲେ ଏବଂ ତାର ଉପଯୁକ୍ତ ଚିକିତ୍ସା ହେଲେ ରୋଗୀଟି ସୁସ୍ଥ ଜୀବନଯାପନ କରୁଥିବା ନଜିର ରହିଛି। ତେଣୁ ସାମାନ୍ୟ ଲକ୍ଷଣ ଦେଖିବା ମାତ୍ରେ ବିଶେଷଜ୍ଞଙ୍କ ସହ ପରାମର୍ଶ ଜରୁରି ହୋଇଥାଏ। ଲୋକମାନେ ସଚେତନ ହେଲେ ଏହି କର୍କଟ ରୋଗର ନିରାକରଣ ସମ୍ଭବ ହୋଇପାରିବ।



ମହକ

# କୁନି ପ୍ରତିଭା : ମଧୁରିମା ସାହୁ





ଆଜିର ଶିଶୁ କାଲିର ନାଗରିକ, ଶିଶୁ ହସିଲେ ଦୁନିଆ ହସିବ ତେଣୁ ଆମେ ଶିଶୁମାନଙ୍କ ସର୍ବାଙ୍ଗୀନ ବିକାଶ ସହ ସେମାନଙ୍କ ସ୍ୱପ୍ନ, ଇଚ୍ଛା ତଥା ଶିଶୁ ସୃଜନକୁ ଅନୁଭବ କରି ସେହି ଦିଗରେ ତାଙ୍କୁ ଉତ୍ସାହିତ ବା ପ୍ରେରଣା ଦେବା ଜରୁରୀ। ଏହାହିଁ ବିକାଶର ବାସ୍ତବ ଚିତ୍ର । ନିଜର ଶିକ୍ଷା ସହ ଅନ୍ତଃର୍ନିହିତ ଗୁଣାବଳୀର ବିକାଶ ଆଦିରେ ଆଗ୍ରହ ପ୍ରକାଶ କରି ଅଧୁନା ପ୍ରତିଯୋଗୀତାମୂଳକ ସମୟରେ ଖୁବ କୃତିତ୍ୱ ଅର୍ଜନ କରି ବିଦ୍ୟାର୍ଥିମାନଙ୍କ ମଧ୍ୟରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି କୁନି ପ୍ରତିଭା ମଧୁରିମା ସାହୁ। ପିତା ଯୁବ ସାମ୍ବାଦିକ ତଥା ସମାଜସେବୀ ଜ୍ଞାନ ରଂଜନ ସାହୁ ଓ ମାତା ରଞ୍ଜିତା ସାହୁଙ୍କ କୋଳମଣ୍ଡନ କରି କଟକ ସଦର ବ୍ଲକ୍ କିଶନନଗର ଉପକଣ୍ଠ ରାମଚନ୍ଦ୍ରପୁର ଗ୍ରାମରେ ଜନ୍ମ ନେଇଥିଲେ ଏହି ଶିଶୁ ପ୍ରତିଭା ୨୦୧୫ ମସିହାରେ। ପିଲାଟି ଦିନରୁ ତାଙ୍କର ପାଠପଢା ପ୍ରତି ଯେତିକି ଆଗ୍ରହ ଠିକ ସେମିତି ଚିତ୍ରକଳା, ପ୍ରବନ୍ଧ ଲିଖନ, ବକ୍ତୃତା, ଭଜନ ନୃତ୍ୟ ଆଦି ଅନେକ ପ୍ରତିଯୋଗୀତାରେ ଅଂଶଗ୍ରହଣ କରି ସଫଳତା ଅର୍ଜନ କରିଥିବା ସହ ଅଧୁନା କିଶନନଗର ଥାନା ରାମଚନ୍ଦ୍ରପୁର ପ୍ରାଇମେରୀ ସ୍କୁଲର ତୃତୀୟ ଶ୍ରେଣୀର ଛାତ୍ରୀ ଭାବେ ଶିକ୍ଷା ଲାଭ କରୁଅଛନ୍ତି। ମଧୁରିମା ଆଜି ଯେ କୌଣସି ଚିତ୍ରକଳା ବା ଦୃଶ୍ୟ ରାଜିର ନିଖୁଣ ଭାବେ ଖୁବ୍ ଚିତ୍ତାକର୍ଷକ ଚିତ୍ର ଆଙ୍କି ଚିତ୍ରକଳା ଜଗତରେ ଖୁବ୍ ସୁନାମ ଅର୍ଜନ କରିଛନ୍ତି। ବିଭିନ୍ନ ମହାପୁରୁଷଙ୍କ ଫଟୋ, ବିଭିନ୍ନ ବ୍ୟକ୍ତିବିଶେଷଙ୍କ ଫଟୋ ଚିତ୍ର, ପ୍ରାକୃତିକ ପରିବେଶ ଏବଂ ବିଜ୍ଞାନଧର୍ମୀ ଚିତ୍ର ସବୁ ନିଜର କୁଶଳୀ ତୂଳୀ ମାଧ୍ୟମରେ ରୂପ ଦେଇଛନ୍ତି ଯାହାକି ଦର୍ଶକ ମାନଙ୍କ ମନମୁଗ୍ଧ କରିଛି। ସ୍କୁଲର ପାଠ୍ୟ ଖସଡ଼ା ଅନୁଯାୟୀ ପଢ଼ିବା ସହ ଅନ୍‌ଲାଇନ୍‌ରେ ସମସ୍ତ ପ୍ରତିଯୋଗିତାରେ ଭାଗନେବା ଏବଂ ଶ୍ରେଣୀ ପ୍ରମୋଶନ୍ ପରୀକ୍ଷାରେ ଖୁବ୍ ସଫଳତା ଲାଭ କରୁଛନ୍ତି। ତାଙ୍କ କୃତିତ୍ୱକୁ ଶ୍ରଦ୍ଧା ସ୍ୱୀକୃତି ସ୍ୱରୂପ ପୂର୍ବକ ଅଗ୍ରଣୀ ସାଂସ୍କୃତିକ ସଙ୍ଗଠନ ସରସ୍ୱତୀ କଳା ପରିଷଦ କନ୍ଦରପୁର, ସାମାଜିକ ସଂଗଠନ ଉତ୍କଳ ବିକାଶ ପରିଷଦ କଟକ ସଦର, ଦୟାନିଧି ପ୍ରତିଭା ବିକାଶ ପ୍ରତିଷ୍ଠାନ ବୟାଳିଶମୌଜା, ବିଷ୍ଣୁପ୍ରିୟା ଚାରିଟେବୁଲ ଟ୍ରଷ୍ଟ ଓଡ଼ିଶା, କିଶନନଗର ଶିଶୁ ମଙ୍ଗଳ କ୍ଲବ, ଉତ୍କଳ ସେବକ ସଙ୍ଘ ଦିଲ୍ଲୀ ନୋଏଡା (ରାଷ୍ଟ୍ରୀୟ ରାଜଧାନୀ କ୍ଷେତ୍ର) ୟୁପି ଆଦି ବହୁ ସଂଗଠନ ଦ୍ୱାରା ପୁରସ୍କୃତ। ତାଙ୍କ ଚିତ୍ରାଙ୍କନ ମାଧ୍ୟମରେ କରୋନା ଭୂତାଣୁ ସମ୍ବନ୍ଧୀୟ ଜନସେଚନତା, ପରିବେଶ ସୁରକ୍ଷା ବାର୍ତ୍ତା, ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଚିତ୍ରଲିପି ଖୁବ୍ ପ୍ରଶଂସନୀୟ ଆଉ ସମାଜ ପାଇଁ ଶିକ୍ଷଣୀୟ ବାର୍ତ୍ତା ପ୍ରଦାନ କରେ। ସେ ତାଙ୍କ ପିତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବୃକ୍ଷରୋପଣ ଏବଂ ପ୍ରକୃତି ସୁରକ୍ଷା ଦିଗରେ ମଧ୍ୟ ଖୁବ୍ ଯତ୍ନଶୀଳ। କମ୍ ବୟସରୁ ତାଙ୍କ ବହୁମୁଖି ପ୍ରତିଭା ଓ ଉନ୍ନତ ଚିନ୍ତାଧାରା ପାଇଁ ତାଙ୍କ ସାଙ୍ଗସାଥୀ, ଗୁରୁଜନ ବର୍ଗ, ବିଦ୍ୟାଳୟ ତଥା ସ୍ଥାନୀୟ ଅଞ୍ଚଳରେ ସମସ୍ତେ ଗର୍ବିତ ଆଉ ଏହି ଦିଗରେ ତାଙ୍କୁ ଉତ୍ସାହ ପ୍ରଦାନ ପୂର୍ବକ ଏପରିକି ବିଭିନ୍ନ କାର୍ଯ୍ୟକ୍ରମରେ ମଧୁରିମାଙ୍କୁ ତାଙ୍କ ମାତା ଏବଂ ପିତା ଉଭୟ ସାଙ୍ଗରେ ନେଇ ସବୁ ପ୍ରତିଯୋଗିତା ବା କାର୍ଯ୍ୟକ୍ରମମାନଙ୍କରେ ଭାଗ ନେବାର ସୁଯୋଗ ଦେଇଛନ୍ତି ଏଣୁ ସାଧାରଣରେ ଏହି ମହତ କାର୍ଯ୍ୟକୁ ଖୁବ ପ୍ରଶଂସା କରାଯିବା ସହ ସବୁ ଅଭିଭାବକମାନେ ଏହିପରି ପିଲା ମାନଙ୍କ ଆଗ୍ରହ, ଉତ୍ସାହ ଦେବା ଜରୁରୀ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ମଧୁରିମା ଭଳି ତାଙ୍କ ଜ୍ୟେଷ୍ଠଭ୍ରାତା ଦିବ୍ୟ ଜ୍ୟୋତି ରଞ୍ଜନ ସାହୁ ଅଧୁନା ଭୁବନେଶ୍ୱର ସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ -୨ର ଷଷ୍ଠ ଶ୍ରେଣୀର ଛାତ୍ର ଭାବେ ଭାୟୋଲିନ ବଜାଇବା, ଜାତୀୟ ସ୍ତରୀୟ ଖୋକୋ ପ୍ରତିଯୋଗୀତାରେ ଅଂଶ ଗ୍ରହଣ, ଚିତ୍ରକଳା ଓ କ୍ରୀଡ଼ାରେ ଖୁବ୍ ପାରଦର୍ଶିତା ଲାଭ କରିଛନ୍ତି। ଏହି କୁନି ପ୍ରତିଭାଙ୍କ ସ୍ୱପ୍ନ ହେଉ ସଫଳ ସମଲଜ୍ଜ ଆଉ ଶୁଭଙ୍କର, ତାଙ୍କ ପିତା ମାତାଙ୍କର କଠିନ ପରିଶ୍ରମ ହେଉ ସାକାର ଏବଂ ପ୍ରତିଭାର ବାସ୍ତବ ପରିଚୟ ସ୍ୱରୂପ ଏହି ଶିଶୁ ପ୍ରତିଭା ପ୍ରତିଯୋଗୀ ମୂଳକ ସମୟରେ ସମାଜରେ ନିଜର ସ୍ୱତନ୍ତ୍ର ସ୍ଥାନ ଅଧିକାର କରନ୍ତୁ ଏତିକି ପ୍ରାର୍ଥନା।



## ବାସ୍ତୁ ଟିପ୍ସ

* ନିଜର ଆଖାପାଖର ବାତାବରଣକୁ ସଜୀବ ତଥା ସକରାତ୍ମକ ରଖନ୍ତୁ । ନିଜର ରହୁଥିବା ସ୍ଥାନ, ଷ୍ଟଡି ଟେବୁଲ, ଲିଭିଙ୍ଗ୍ ରୁମ୍ ଏବଂ ବେଡ୍‌ରୁମ୍ ଭିତରେ ଓ ଆଖପାଖର ବାତାବରଣକୁ ପରିଷ୍କାର ରଖନ୍ତୁ ।

* ବିଦେଶରେ ନିଜର ଭବିଷ୍ୟତ ଗଢ଼ିବାକୁ ଆଗ୍ରହୀ ଥିବା ଯୁବକମାନେ ନିଜ କାମ କରୁଥିବା ଟେବୁଲ୍ ଉପରେ ଗୋଟିଏ ଗ୍ଲୋବ୍ ରଖନ୍ତୁ କିମ୍ବା ଦକ୍ଷିଣ ଦିଗର କାନ୍ଥରେ ଗୋଟିଏ ବିଶ୍ୱ ମାନଚିତ୍ର ଲଗାନ୍ତୁ । ଏହା ଅତିରିକ୍ତ ସେଲିଙ୍ଗ ବୋଟ୍, ସମୁଦ୍ର ଜାହାଜ କିମ୍ବା ବାୟୁସେନାର ପୋଷ୍ଟର ଘରର ଉତ୍ତର ଦିଗର କାନ୍ଥରେ ଲଗାନ୍ତୁ । କ୍ୟାରିୟରର ପ୍ରତୀକ ଉତ୍ତର ଦିଗକୁ ସଦାସର୍ବଦା ପରିଷ୍କାର ଓ ସ୍ୱଚ୍ଛ ରଖନ୍ତୁ ।

* ନିଜ ଶୋଇବା ଘର ଟେବୁଲ୍ ପାଖରେ ସତେଜ୍ ଫୁଲ ବା ଫୁଲତୋଡା ରଖିବା ଦ୍ୱାରା ପାଠପଢ଼ା ପ୍ରତି ଆପଣଙ୍କ ରୁଚି ଜାଗ୍ରତ କରିବ କିନ୍ତୁ ଘରେ ଶୁଖିଲା ଏବଂ ମଉଳି ଯାଇ ଥିବା ଗଛ ରଖିବା ଅଶୁଭ ।

* ନିଜ ଘରର ଭିତରେ ଭଲ ଲାଗୁଥିବା ତଥା ବାସୁଥିବା ରୁମ୍ ଫ୍ରେସନ୍‌ର, ଧୂପକାଠି, ଅଗରବତୀ, ଏରୋମାଟିକ କ୍ୟାଣ୍ଡେଲ୍ ଇତ୍ୟାଦି ବ୍ୟବହାର କରିବା ବହୁତ ଜରୁରୀ । ଏଥିପାଇଁ ଆପଣ ଘରେ ରଜନୀଗନ୍ଧା କିମ୍ବା ଚମ୍ପାଫୁଲର ତୋଡ଼ା ରଖିପାରନ୍ତି ।

* ଘର ବାହାରେ, ବାଲ୍‌କୋନି ଏବଂ ଗ୍ୟାଲେରୀରେ କିଛି ଭଲ ଗଛ ଲଗାନ୍ତୁ, ଯେଉଁଥିରେ କ୍ୟାକ୍‌ଟସ୍, ବୋନ୍‌ସାଇ ଭଳି କଣ୍ଟାଯୁକ୍ତ ଗଛ ନଥିବ ।

* କୌଣସି ଜୀବିତ ବୃକ୍ଷକୁ ଶୋଇବା ଘରେ ରଖନ୍ତୁ ନାହିଁ, ଅଯଥା ରାତିରେ ଶୋଇବା ସମୟରେ କାର୍ବନ୍ ଡାଇଅକ୍ସାଇଡ଼ର ମାତ୍ରା ବଢ଼ିଯାଇ ସ୍ୱାସ୍ଥ୍ୟ ଖରାପ ହୋଇଯିବ ।

* ଘର ବାହାରର ପୂର୍ବୋତ୍ତର ଦିଗରେ ପାଣିଭରା ଏକ ପାତ୍ର ରଖନ୍ତୁ । ଯେପରିକି କଳସୀ, ଘଡ଼ି ଇତ୍ୟାଦି ।

* ବ୍ୟବହାରକୁ ସକରାତ୍ମକ କରିବା ପାଇଁ କ୍ରିଷ୍ଟାଲ୍ ବା ରୋଜ୍ କ୍ୱାର୍ଜସ୍‌ର ପର୍ବତ ଗୃହର ପୂର୍ବୋତ୍ତର ଐଶାନ୍ୟ କୋଣରେ ରଖନ୍ତୁ ।


## ଏଇ ସପ୍ତାହ

ଏହି ସପ୍ତାହ, ସେହି ଦିନ (ଫେବୃଆରୀ ୧-୭)


ଫେବୃଆରୀ ୧, ୧୮୭୭-ମହାରାଣୀ ଭିକ୍ଟୋରିଆ ଭାରତର ସାମ୍ରାଜ୍ଞୀ ହୋଇଥିଲେ।




ଫେବୃଆରୀ ୨, ୧୯୫୨-ଭାରତ, ମାଡ୍ରାସ୍ ଠାରେ ପ୍ରଥମ ଟେଷ୍ଟ କ୍ରିକେଟ୍ ଜିତିଥିଲା।




ଫେବୃଆରୀ ୩, ୧୯୩୪-ପ୍ରଥମ ଥର ଉଡ଼ାଜାହାଜରେ ପାର୍ସଲ୍ ପଠାଇବାର ବ୍ୟବସ୍ଥା ଆରମ୍ଭ ହୋଇଥିଲା।



ଫେବୃଆରୀ ୪, ୧୮୯୫-ଆମେରିକାର ଚିକାଗୋ ଠାରେ ପ୍ରଥମ ରୋଲିଂ ଲିଫ୍ଟ ପୋଲର ଉଦ୍‌ଘାଟନ ହୋଇଥିଲା।



ଫେବୃଆରୀ ୫, ୧୯୨୪- ରୟାଲ୍ ଗ୍ରୀନ୍‌ୱିଚ୍ ଠାରେ ରେଡିଓ ସମୟ ସଂକେତକ ଜିଏମ୍‌ଟିର ପ୍ରଥମ ପ୍ରସାରଣ ହୋଇଥିଲା।



ଫେବୃଆରୀ ୬, ୧୯୧୧-ଆମେରିକାର ଏରିଜୋନା ଠାରେ ପ୍ରଥମ ବୃଦ୍ଧାଶ୍ରମ ଖୋଲା ଯାଇଥିଲା।



ଫେବୃଆରୀ ୭, ୧୯୪୦-ବ୍ରିଟେନ୍‌ରେ ରେଲ୍‌ୱେର ରାଷ୍ଟ୍ରୀୟକରଣ କରାଯାଇଥିଲା।



ସକସେସ୍ ଷ୍ଟୋରୀ

# ସୁଦୃଢ଼ ଅଭିବୃଦ୍ଧିଶୀଳ
# ଆମ ଅର୍ଥନୀତି

ଯୁଧିଷ୍ଠିର ମହାରଣା



ଆଜିର ଖବରକାଗଜ ଦେଖନ୍ତୁ, ଦିନକୁ ଦିନ ଆମେରିକାର ରାଷ୍ଟ୍ରପତିଙ୍କ ମନମାନୀ ଓ ହାମବଡ଼ା ନିର୍ଦ୍ଦେଶାବଳୀ ସମଗ୍ର ବିଶ୍ୱ ଅର୍ଥନୀତି ଓ ସମ୍ପର୍କକୁ ବଡ଼ ଚର୍ଚ୍ଚା ଭିତରକୁ ଠେଲି ଦେଉଛି । ଭାରତ ସହିତ ଋଷର ଦୀର୍ଘ ଦିନର ବନ୍ଧୁତ୍ୱ ଓ ନିବିଡ଼ ସମ୍ପର୍କ ରହିଛି । ତେବେ ଭାରତ ଓ ଋଷ ଏହି ମହାନ ସମୃଦ୍ଧ ସମ୍ପର୍କ ପାଇଁ ଆମେରିକା ଈର୍ଷାନ୍ୱିତ ହୋଇ ଭାରତ ଓ ଋଷର ଅର୍ଥନୀତିକୁ ଡେଡ ଇକୋନୋମିକ୍ ବା ମୃତ ଅର୍ଥନୀତି ଭାବେ ମନ୍ତବ୍ୟ ଦେବାକୁ ପଛାଇ ନାହାଁନ୍ତି । ଆମ ଶତ୍ରୁଦେଶ ମାନେ ଟ୍ରମ୍ପଙ୍କ ଏହି ବାଚାଳାମିପୂର୍ଣ୍ଣ ମନ୍ତବ୍ୟ ପାଇଁ ଆମୋଦିତ ହେଉଥିଲେ ମଧ ଟ୍ରମ୍ପଙ୍କ ମନ୍ତବ୍ୟ ଯେ ଅପରିପକ୍ୱ ଓ ମିଛ ଏହା ସମସ୍ତଙ୍କୁ ଜଣା । ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି ଖୋଦ ଭାରତର ଅର୍ଥନୀତିକୁ ବିଶ୍ୱର ଚତୁର୍ଥ ବୃହତ୍ତ ଅର୍ଥନୈତିକ ଶକ୍ତିରୂପେ ଘୋଷଣା କରିବା ପରେ ଭାରତ ବାସ୍ତବିକ ବିଶ୍ୱର ଚତୁର୍ଥ ଶକ୍ତିଶାଳୀ ଗୌରବପୂର୍ଣ୍ଣ ଅଭିବୃଦ୍ଧିଶୀଳ ରାଷ୍ଟ୍ରଭାବେ ଈର୍ଷଣୀୟ ସଫଳତା ପାଇଛି । ଟ୍ରମ୍ପ ସମ୍ଭବତଃ ଭୁଲି ଯାଉଛନ୍ତି ଯେ ଭାରତର ବିଶାଳ ଖାଉଟି ବଜାର ରହିଥିବାରୁ ଏଠାରେ ଆମେରିକା ବ୍ୟବସାୟିକ କ୍ଷେତ୍ର ଖୋଲିବା ପାଇଁ ଅତ୍ୟନ୍ତ ବ୍ୟାକୁଳ ହୋଇପଡ଼ିଛି ।

୧୯୯୧ ମସିହାରେ ଭାରତୀୟ ଅର୍ଥନୀତିର ନୂତନ ସଂସ୍କାର ଓ ସଂରଚନା ତାହାର ମୌଳିକ ଭିତ୍ତିଭୂମିକୁ ଏତେ ସୁଦୃଢ଼ କରିଛି ଯେ ୨୦୦୮ ବିଶ୍ୱ ଆର୍ଥିକ ମାନ୍ଦାବସ୍ଥା ମଧ ଦୋହଲାଇ ପାରିନାହିଁ । ଭାରତର ଅର୍ଥନୀତିକୁ ଡେଡ଼୍ ଇକୋନୋମୀ ଆଖ୍ୟା ଦେବା ପୂର୍ବରୁ ଟ୍ରମ୍ପ ମହାଶୟ ଅନ୍ତତଃ ଥରେ ସ୍ମରଣକୁ ଆଣିବା ଆବଶ୍ୟକ ଥିଲା ଯେ ତାଙ୍କ ଦେଶରୁ ସ୍ପଷ୍ଟ ଆର୍ଥିକ ଅନିୟମିତତା (ସବପ୍ରାଇମ୍ ଲୋନର ପରିଚାଳନାରେ ତ୍ରୁଟି ଯୋଗୁଁ ବୃହତ୍ ଆର୍ଥିକ ସଂସ୍ଥା ଲେହମ୍ୟାନ ବ୍ରଦର୍ସ ଓ ମେରିଲ୍ ଲିଞ୍ଚ ଭୁଶୁଡ଼ି ପଡ଼ିଥିଲା) ସାରା ବିଶ୍ୱ ସମେତ ଆମେରିକାର ଅର୍ଥନୀତି ମଧ ପ୍ରଭାବିତ ହୋଇଥିଲା, ଯାହାର ପ୍ରଭାବପରୁ ଅନେକ ଦେଶ ଦୀର୍ଘବର୍ଷ ପର୍ଯ୍ୟନ୍ତ ମୁକୁଳି ପାରି ନଥିଲେ । ଅପରପକ୍ଷରେ ଭାରତୀୟ ଅର୍ଥନୀତି କେବଳ ସଦର୍ପେ ଠିଆ ହୋଇ ନଥିଲା, ୨୦୦୮-୦୯ ଆର୍ଥିକ ବର୍ଷର ଅର୍ଥନୈତିକ ଅଭିବୃଦ୍ଧି ହାର ଦୁଇ ଅଙ୍କ ପାଖାପାଖି ପହଞ୍ଚିଥିଲା ।

ଆଇଏମ୍ଏଫ ତରଫରୁ ପ୍ରକାଶିତ ବିଗତ ୩୦ ବର୍ଷର ଅର୍ଥନୈତିକ ଦ୍ରୁତ ଅଭିବୃଦ୍ଧି ତାଲିକାର ପ୍ରଥମ ତିନି ସ୍ଥାନରେ ଯଥାକ୍ରମେ ଚୀନ, ଭାରତ ଓ ରୁଷିଆ ରହିଛନ୍ତି । ସେହି ସମୟ ମଧରେ ବିକଶିତ ଦେଶ ଇଂଲଣ୍ଡ, ଜର୍ମାନୀ ଓ ଜାପାନର ଅର୍ଥନୈତିକ ଅଭିବୃଦ୍ଧି ହାରରେ ହ୍ରାସ ଘଟିଛି । ୧୯୯୫ରେ ଆମେରିକୀୟ ଅର୍ଥନୀତି ତୁଳନାରେ ଭାରତୀୟ ଅର୍ଥନୀତିର ଆକାର ମାତ୍ର ୫% ଥିବାବେଳେ ୩୦ ବର୍ଷ ଭିତରେ ୧୪% ପ୍ରତିଶତରେ ପହଞ୍ଚି ପାରିଛି । ଆଇଏମ୍ଏଫର ଗତ ୨୯ ତାରିଖରେ ପ୍ରକାଶିତ ସଂଶୋଧିତ ଓ୍ୱାର୍ଲ୍ଡ ଇକୋନୋମିକ୍ ଆଉଟଲୁକ୍ ୨୦୨୫ରେ ଆମେରିକାର ଅର୍ଥନୀତି ମାତ୍ର ୧% ହାରରେ ଏବଂ ଭାରତର ଅର୍ଥନୀତି ୬.୪ ହାରରେ ବଢ଼ିବ ବୋଲି ଆକଳନ କରିଛି । ତେଣୁ ଭାରତର ଏହି ଈର୍ଷଣୀୟ ଅର୍ଥନୈତିକ ସଫଳତାର ଟ୍ରମ୍ପ ମହାଶୟ ଈର୍ଷାନ୍ୱିତ ହୋଇ ଏଭଳି ପିଲାଳିଆମୀ ମନ୍ତବ୍ୟ ଟିଏ ଦେଇଥାଇପାରନ୍ତି ।

ଆମେରିକାର ବିଶିଷ୍ଟ ଅର୍ଥନୀତିଜ୍ଞ ଜେଫ୍ରି ସାକ୍ସଙ୍କ ମତରେ ଅମେରିକା କେବେ ମଧ ଚାହେଁ ନାହିଁ ଯେ ଭାରତ ଅର୍ଥନୈତିକ ଶକ୍ତି ଭାବେ ଉଭା ହେଉ । କେବଳ ଚୀନର ଆଧିପତ୍ୟକୁ ପ୍ରତିହତ କରିବା ପାଇଁ ଭାରତ ସହିତ ଆମେରିକା ଛଳନା କରୁଛି । ଏପରିକି ଆମେରିକା ଭାରତର ଅର୍ଥନୀତିକୁ ଭୟ କରୁଛି । ତେଣୁ ନିକଟ ଭବିଷ୍ୟତରେ ଭାରତୀୟ ଅର୍ଥନୀତିକୁ ସୁହାଇବା ଭଳି କୌଣସି  ବାଣିଜ୍ୟ ଚୁକ୍ତି ଆମେରିକାର ଅର୍ଥନୀତିଜ୍ଞ ସନ୍ଦୀହାନ, ଆମେ ଭାରତୀୟ ହୋଇ ଡେଡ଼୍ ଇକୋନୋମି ମନ୍ତବ୍ୟକୁ ସମର୍ଥନ କରିବା କେତେ ସମୀଚୀନ ତାହା ବିଚାର୍ଯ୍ୟ ।

ଗଣତାନ୍ତ୍ରିକ ରାଷ୍ଟ୍ରରେ ବିରୋଧାଭାସା ଓ ସମାଲୋଚନା ଅପରିହାର୍ଯ୍ୟ । ତ୍ରୁଟିବିଚ୍ୟୁତି ସୁଧାରି ଶାସନ ବ୍ୟବସ୍ଥାକୁ ସୁସଂହତ ଓ ଲୋକାଭିମୁଖୀ କରିବାରେ ଶାସକଙ୍କ ପାଇଁ ଏହା ଏକ ଦର୍ପଣ ଭଳି କାର୍ଯ୍ୟ କରେ । ଏହା ମଧ ଅସ୍ୱୀକାର କରାଯାଇପାରିବ ନାହିଁ ଯେ ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥନୈତିକ ଶକ୍ତି ହେବା ସତ୍ତ୍ୱେ ଭାରତରେ ଅର୍ଥନୈତିକ ବୈଷମ୍ୟ ଉତ୍କଟ ଏବଂ ଏବେ ମଧ ଦେଶରେ ୮୦ କୋଟି ପରିବାର ରିହାତି ଯୋଜନା ଉପରେ ନିର୍ଭରଶୀଳ । କିନ୍ତୁ ଏ ସମ୍ପର୍କିତ ଆଲୋଚନା ସମାଲୋଚନା ପାଇଁ ଦେଶର ଆଭ୍ୟନ୍ତରୀଣ ମଞ୍ଚରେ ବିଶାଳ ସୁଯୋଗ ରହିଛି । ଦଳୀୟ ରାଜନୀତି ଓ ଆଦର୍ଶଗତ ଅସୂୟା ଆଧାରରେ ବିରୋଧ କରିବା ଓ ମନ୍ତବ୍ୟକୁ ଆଧାର କରିବା ଆଦୌ ଦେଶଭକ୍ତିର ପରିଚୟ ନୁହେଁ । ଅଧିକନ୍ତୁ ଟ୍ରମ୍ପ ବାରମ୍ବାର ଦେଉଥିବା ଭାରତ ବିରୋଧୀ ମନ୍ତବ୍ୟକୁ ବିରୋଧ କରି ସଂସଦରେ ଏକ ନିନ୍ଦା ପ୍ରସ୍ତାବ ଆଗତ କରାଯାଇ ପାରିଥାନ୍ତା । ଶାସକ ଦଳକୁ ଦୋଛକିରେ ଛାଡ଼ିବା ପାଇଁ ବିରୋଧୀ  ଦଳ ଏହାକୁ ଏକ ଅଭେଦ୍ୟ ଅସ୍ତ୍ର କରିପାରିଥାନ୍ତା । ଏହାଦ୍ୱାରା ମଧ ବିରୋଧୀ ଦଳର ରାଷ୍ଟ୍ରପ୍ରୀତି ଭାବମୂର୍ତ୍ତି ଆହୁରି ଉଜ୍ଜ୍ୱଳ କରିଛି । ତା'ସହିତ ଟ୍ରମ୍ପଙ୍କ ଡେଡ୍ ଇକୋନୋମୀ ମତକୁ ସମର୍ଥନ କରି ଅଯଥା ରାଷ୍ଟ୍ରହିତ ପରିପନ୍ଥୀ ଅପବାଦ ମୁଣ୍ଡାଇବା ସାର ହୋଇଛି ।

ଆମ ଭାରତୀୟ ଅର୍ଥନୀତି ବାସ୍ତବିକ ଯେଉଁପରି ଶକ୍ତିଶାଳୀ ଓ ସୁଦୃଢ଼ ଏହା ଆମ ଅସୂୟା ଭାବ ରଖୁଥିବା ପଡ଼ୋଶୀ ବା ଅନ୍ୟ ଦେଶ ମାନଙ୍କ ପାଇଁ କଣ୍ଟା ସଦୃଶ ହୋଇଛି । ଆମ ଦେଶର ଦୂରଦୃଷ୍ଟି ସମ୍ପନ୍ନ ଅର୍ଥନୀତି ବ୍ୟବସ୍ଥା ଏହାସହ ଗତ ୭୫ ବର୍ଷର ଆର୍ଥିକ ସୁଦୃଢ଼ ଯୋଜନାବଦ୍ଧ ରଣନୀତି ଆମ ଅର୍ଥନୀତିକୁ ଅତ୍ୟନ୍ତ ଶକ୍ତିଶାଳୀ କରିଛି । ଶାସନ ବ୍ୟବସ୍ଥା କେଉଁ ରାଜନୈତିକ ଭାବନା, ଦଳ, ମତବାଦ ଦ୍ୱାରା ପରିଚାଳିତ ହୋଇପାରେ ସତ କିନ୍ତୁ ସମସ୍ତେ ହିଁ ଏହିଥରେ ଏକମତ ଯେ ଆମ ଅର୍ଥନୀତି ଅତ୍ୟନ୍ତ ସୁଦୃଢ଼ ସମୃଦ୍ଧ ଓ ବାସ୍ତବିକ ବିଶ୍ୱର ଏକ ଅଭିବୃଦ୍ଧିଶୀଳ ରାଷ୍ଟ୍ର ଭାବେ ଭାରତ ଆଜି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିପାରିଛି ।



**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,**
**ଦୂରଭାଷ : ୯୪୩୭୧୬୩୫୨୮,**
**E-mail : judhister009moharana@gmail.com**

# ହାଇସ୍କୁଲ କ୍ୟାମ୍ପସ୍‌ରେ ଦୁଇଟି ରାତି

**ପବିତ୍ର ପାଣିଗ୍ରାହୀ**

ମନେପଡ଼େ ଜଗ୍‌ଜିତ୍ ସିଂଙ୍କ
ପ୍ରସିଦ୍ଧ ସାଇରୀର ସେଇ ଧାଡ଼ି କେତୋଟି–
'ୟେ ଦୌଲତ ଭି ଲେ ଲୋ
ୟେ ଶୋହରତ ଭି ଲେ ଲୋ
ଭଲେ ଛିନ୍ ଲୋ ମୁଝ ସେ ମେରି ଜୱାନି,
ମଗର ମୁଝ କୋ ଲୌଟା ଦୋ
ମେରା ବଚପନ କା ସାୱନ
ୱ କାଗଜ କୀ କସ୍ତି
ୱ ବିରାଶ କା ପାନି।'

ସତରେ, ପିଲାବେଳ ଓ ହାଇସ୍କୁଲରେ ପଢ଼ିବା ବେଳର ସେଇ ଆଦ୍ୟ କୈଶୋରର ସ୍ମୃତି ବିଜଡ଼ିତ ଦିନସବୁ ଖୁବ୍ ମନେପଡ଼େ। ସେଇ ସ୍ମୃତି ସବୁକୁ ମନେପକାଇ ଝୁରି ହେବାକୁ ଭଲ ଲାଗେ, ଯାହା ଆମକୁ ରୋମାଞ୍ଚିତ କରେ। ଇଚ୍ଛା ହୁଏ ଫେରିଯିବାକୁ ସେଇ ଅଫେରା ଜହ୍ନରାତିର ଅପାସୋରା ଦିନ ସବୁକୁ। ମାତ୍ର ତାହା ସମ୍ଭବ ହୁଏନା କେବେବି।

ମୋ ଛାତି ତଳ ଜରିପକା ବଖରାରେ ସାଇତା ଅଛି ହାଇସ୍କୁଲ ପଢ଼ାଦିନର କେତେ କେତେ ମଧୁର ସ୍ମୃତି, ଯାହା ମନେପଡ଼ି ଆନମନା କରେ ବେଳ ଅବେଳରେ। ସେ ସବୁର ରୋମନ୍ଥନ କେତୋଟି ଗପ କାହିଁକି, ନୋଷ୍ଟାଲୋଜିଆରେ ଭରପୁର କୁନମୁନିଆ ଉପନ୍ୟାସଟିଏ ବି ଲେଖି ହୋଇଯିବ। ଅତଏବ, ଛାଁକୁ ଛାଁ ମନେ ପଡୁଥିବା ଗୋଟିଏ ମାତ୍ର ସ୍ମୃତିର ଅବତାରଣା କରୁଛି।

ଚତୁର୍ଥ ଶ୍ରେଣୀରୁ ୧୯୭୭ରେ ମ୍ୟାଟ୍ରିକ୍ ପାସ୍ କରିବା ଯାଏଁ ମୁଁ ପଢ଼ିଥିଲି ବାଲିଖଣ୍ଡ ହାଇସ୍କୁଲରେ। ଠିକ୍ ଆମ ପରେ କିନ୍ତୁ ଚତୁର୍ଥ ପଞ୍ଚମ ଉଠିଯାଇ ଷଷ୍ଠ ସପ୍ତମ ମିଶିଗଲା ହାଇସ୍କୁଲରେ। ଅଷ୍ଟମ ଶ୍ରେଣୀରୁ ଏକା କ୍ଲାସରେ ପଢୁଥିବା କକାପୁଅ ଭାଇ ସନ୍ତୋଷ ଓ ମୁ ଦୁହେଁ ହଷ୍ଟେଲରେ ରହିଥିଲୁ ମ୍ୟାଟ୍ରିକ୍ ପରୀକ୍ଷା ଯାଏ। ନିଶାଳର ସାର୍ ଥାଆନ୍ତି ଆମ ହଷ୍ଟେଲ ତତ୍ତ୍ୱାବଧାନରେ। ଆମ ବଡ଼ବାପା ପୁରୁଷୋତ୍ତମ ସାର୍ ସେଇଠି ଶିକ୍ଷକ ଥିବାରୁ ଆମେ ଦୁହେଁ ରହୁଥିଲୁ ନିଶାକର ସାର୍‌ଙ୍କ ପାଖ ଛୋଟ ରୁମ୍‌ଟିରେ। ସାର୍ ସବୁ ଶନିବାର ବେଳଓଳି ତାଙ୍କ ଘର ରାହାଞ୍ଜକୁ ଚାଲି ଚାଲି ଯାଆନ୍ତି। ଓ ସୋମବାର ଭୋରୁ ବାହାରି ସକାଳ ୮ଟା ସୁଦ୍ଧା ପହଞ୍ଚିଯାନ୍ତି ହଷ୍ଟେଲରେ।

ସେ ବର୍ଷ ଥାଏ ଆମର ଏକାଦଶ ଶ୍ରେଣୀ। ଟେଷ୍ଟ ପରୀକ୍ଷା ସରିଥାଏ। ହଷ୍ଟେଲରେ ରହୁଥାଉ କେବଳ ଏକାଦଶ ଶ୍ରେଣୀର ଅଠର ଜଣ ଛାତ୍ର। ନିଶାକର ସାର୍‌ଙ୍କ ସମେତ ଆମ ଦୁଇ ଭାଇଙ୍କୁ ଛାଡ଼ି ଅବଶିଷ୍ଟ ଷୋହଳ ଜଣଯାକ ଅନ୍ତେବାସୀ ସାର୍‌ଙ୍କ ଅନୁମିତ ନେଇ ଘରକୁ ବାହାରିଗଲେ ଶନିବାର ଉପରଓଳି। ଆମେ ବଡ଼ବାପାଙ୍କ ଭୟରେ ହଷ୍ଟେଲରେ ପଡ଼ି ରହିଲୁ। ସାଙ୍ଗମାନଙ୍କର ଯୋଜନା ଥାଏ ରବିବାର ଅପରାହ୍ଣ ପୂର୍ବରୁ ସମସ୍ତେ ଫେରିଆସି ସାଇକେଲରେ ଚଂପା କୈଳାସ ସିନେମା ହଲ୍‌ରେ ଯାଇ 'ଶେଷ ଶ୍ରାବଣ' ସିନେମାର ଇଭିନିଂ ସୋ ଦେଖିସାରି ଦୁଇବନ୍ଧୁ ହୋଟେଲରେ ରାତ୍ରୀ ଭୋଜନ କରି ଫେରିବେ। ସୁପରିଟେଣ୍ଡେଣ୍ଟ ସାର୍‌ଙ୍କ ଅନୁପସ୍ଥିତିରେ ଏଭଳି ଲୋଭନୀୟ ଯୋଜନାଟିକୁ କାର୍ଯ୍ୟକାରୀ କରିବାକୁ ବନ୍ଧୁମାନେ ଖସଡ଼ା ପ୍ରସ୍ତୁତ କରିଥାନ୍ତି ଗୋପନରେ।

ପାଞ୍ଚଟା ବେଳକୁ ହଷ୍ଟେଲ ଫାଙ୍କା। ଏକ ସୁଯୋଗରେ ହଷ୍ଟେଲ ପୁଝାରୀ ମକରାନ୍ନା ମଧ ଘରକୁ ବାହାରିଲେ ସୋମବାର ସକାଳେ ଆସିବ କହି। ଆମ ଦୁର୍ଯୋଗକୁ ସନ୍ଧାରେ ଆରମ୍ଭ ହୋଇଗଲା ଭୀଷଣ ପବନ ସାଙ୍ଗକୁ ମୁଷଳଧାରାରେ ବର୍ଷା। ବିଜୁଳି ଲାଇନ କଟିଗଲା ଯେ ରାତି ପାହିବା ଆଗରୁ ଆସିବାର ସମ୍ଭାବନା ନଥିଲା। ଜରୁରୀ ଆବଶ୍ୟକତା ପାଇଁ ଲଣ୍ଠନଟିଏ ଥିଲେ ବି ଅଳ୍ପ ଟିକେ ତେଜଥାଏ। ଆମକୁ ଡର ଡର ଲାଗୁଥାଏ। ଯାହାର ହେତୁ ଥିଲା ନିଶାକର ସାର୍‌ଙ୍କ ଅପରପାର୍ଶ୍ୱ ପରିତ୍ୟକ୍ତ ରୁମ୍‌ଟିରେ ଟଙ୍ଗାଯାଇଥିବା ଭିତି ସଂଚାରକାରୀ ଏକ ନରକଙ୍କାଳ, ଯାହା କଦବା କ୍ୱଚିତ୍ ମଣିଷର ଅଙ୍ଗ ପ୍ରତ୍ୟଙ୍ଗ ଗୁଡ଼ିକୁ ପିଲାଙ୍କୁ ଚିହ୍ନେଇବା ପାଇଁ ବିଜ୍ଞାନ ସାର୍ ବ୍ୟବହାର କରିଥାନ୍ତି ଏବଂ ଅନ୍ୟ କାରଣଟି ଥିଲା ହଷ୍ଟେଲର ପଶ୍ଚିମ ପାର୍ଶ୍ୱରେ ପ୍ରାୟ ପଚାଶ ମିଟର ଦୂରରେ ଦଣ୍ଡାୟମାନ ନାତିବୃହତ୍ ଝଙ୍କାଳିଆ ଆମ୍ବଗଛ, ଯୋଉଠି ଭୂତଟାଏ ଅଛି ବୋଲି ସମସ୍ତେ ବିଶ୍ୱାସ କରୁଥିଲେ।

ପ୍ରାୟ ଦୁଇଘଣ୍ଟା ପରେ ବର୍ଷା ଛାଡ଼ିବା ବେଳକୁ ତେଲ ନଥିବାରୁ ଲଣ୍ଠନ ଜଳୁଥାଏ ମିଞ୍ଜି ମିଞ୍ଜି ହୋଇ। ସମୟ ଜାଣିବା ପାଇଁ ଘଡ଼ିଟେ ନଥାଏ। ଅଗତ୍ୟା ଆମର ମନେ ପଡ଼ିଲା ଯେ ସାର୍‌ଙ୍କ ରୁମ୍ ଚାବିକାଠି ପ୍ରତିଥର ଭଳି ଅଛି ଆମ ପାଖରେ। ସନ୍ତୋଷ ପ୍ରସ୍ତାବ ଦେଲା ଲଣ୍ଠନ ଲିଭିବା ପୂର୍ବରୁ ସାର୍‌ଙ୍କ କିଛି କିରୋସିନ୍ ତେଲ ବା ତେଲ ଥିବା ଲଣ୍ଠନ କିମ୍ୱା ମହମବତୀ ଆଣିବାକୁ। ସନ୍ତର୍ପଣରେ ଲଣ୍ଠନ ମିଞ୍ଜି ମିଞ୍ଜି ଆଲୁଅରେ ସାର୍‌ଙ୍କ ରୁମ୍‌ରେ ଆବିଷ୍କାର କଲୁ ଜମ୍ମାରୁ ତେଲ ନଥିବା ଲଣ୍ଠନ ଓ ଫାଙ୍କା କିରୋସିନ୍ ଜାର୍। କେବଳ ମିଳିଥିଲା ଆଙ୍ଗୁଳିଏଠୁଁ ଟିକେ ଅଧିକ ଲମ୍ୱର ଗୋଟେ ଅଧାଜଳା ମହମବତୀ। ଅନ୍ଧାରେ କେମିତି ଦୀର୍ଘରାତିଟିଏ ବିତେଇବାକୁ ଭାବି ଆମେ ଆତଙ୍କିତ ଥିଲାବେଳେ ସନ୍ତୋଷ ସାର୍‌ଙ୍କ ତକିଆ ତଳୁ ଟର୍ଚ୍ଚଟି ଧରି ଖୁସିରେ କୁରୁଳି ଉଠିଲା। ମନେପଡ଼ିଲା,



ଆଗଦିନ ସାର୍ ମୋରି ହାତରେ ମଗେଇଥିଲେ ଦି'ଟା ନୂଆ କ୍ୟାଟେରୀ। ସାର୍‌ଙ୍କ ଟର୍ଚ୍ଚ ଆଣିବାକୁ ଭୟ ଥିଲେ ବି ଆମ ପାଖରେ ଆଉ କୌଣସି ବିକଳ୍ପ ନଥିଲା। ଭାବିଲୁ, ଅନ୍ଧାରରେ ଡର ଲାଗିଲେ ମଝିରେ ମଝିରେ ଟର୍ଚ୍ଚ ଟିପିବୁ। ହେଲେ ଅନ୍ଧାରରେ ସବୁଯାକ ଆତଙ୍କ ଆମ ଉପରେ କୁଢ଼େଇ ପଡ଼ିଲା। ନିଦ ଆସିବ କେମିତି! ସେଇଠୁ ବୁଦ୍ଧି ଜୁଟିଲା, ଟର୍ଚ୍ଚ ସୁଇଚ୍ ଅନ୍ ରଖି ଉପରୁ ଟାଙ୍ଗି ଦେଲେ ମୁକୁଳି ପାରୁ ଏ ବିପତ୍ତିରୁ। ସେଇଆ କଲାପରେ ଶୋଇପଡ଼ିଲୁ ନିଶ୍ଚିନ୍ତରେ।

ନିଦ ଭାଙ୍ଗିଲା ପରେ ଚିକ୍‌ମିକ୍ ରବିବାରର ସକାଳ। ସାରାରାତି ଜଳି ଜଳି ସାର୍‌ଙ୍କ ଟର୍ଚ୍ଚ ଉପରୁ ଝୁଲୁଥିଲା ଜୁଳୁଜୁଳିଆ ପୋକ ପରି। ଟର୍ଚ୍ଚଟିକୁ ନେଇ ଚୁପ୍‌ଚାପ୍ ଥୋଇ ଦେଲୁ ସାର୍‌ଙ୍କ ତକିଆ ତଳେ। ମଧ୍ୟାହ୍ନ ପରେ ଜଣକ ପରେ ଜଣେ ବନ୍ଧୁଙ୍କ ଆଗମନରେ ଚଳଚଞ୍ଚଳ ହୋଇଉଠିଲା ହଷ୍ଟେଲ। ୪ଟା ସୁଦ୍ଧା ସବୁ ଅନ୍ତେବାସୀ ପହଞ୍ଚି ସାରିଥିଲେ। ପ୍ରସ୍ତୁତ ହୋଇରହିଥିଲା ବିଭିନ୍ନ ସୂତ୍ରରୁ ଯୋଗାଡ଼ ହୋଇଥିବା ଆଠ ଦଶଟି ସାଇକେଲ୍। ଦି' ଚାରିଜଣ ଅଧା ଅଧା ଶିଖିଥିଲେ ମଧ ପ୍ରସ୍ତୁତ ହୋଇସାରିଥିଲେ ଯିବାକୁ। ସନ୍ତୋଷ ହାପ୍ ପେଡ଼େଲ୍ ମାରି ଚଳେଇବା ଟିକେ ଟିକେ ଶିଖିଥିଲା। ମୁଁ ଜମ୍ମାରୁ ଶିଖିନଥିଲି। ବନ୍ଧୁମାନେ ମୋତେ ବସେଇକି ନେଇଯିବେ ବୋଲି ଯେତେ ବାଧ କଲେ ବି ମୁଁ ରାଜି ହେଲିନି ଯିବାକୁ। ସନ୍ତୋଷ କୌଣସି ମତେ ରାଜି ହୋଇଗଲା। ସାଢ଼େ ଚାରିଟା ବେଳକୁ ସାଇକେଲ୍‌ର ଏକ ମନୋରମ ପ୍ରସେସନ୍ ବାହାରିଗଲା ସ୍କୁଲ କ୍ୟାମ୍ପସରୁ ଗେଟ୍ ପାଖରେ ସେମାନଙ୍କୁ ବିଦାୟ ଦେଲା ବେଳେ ଛେଉଣ୍ଡ ପିଲାଟିଏ ପରି ଠିଆ ହୋଇଥିଲି ମୁଁ।

ସେତେବେଳେ ଯାଏ ବିଜୁଳି ଆସିନଥାଏ। ସନ୍ଧ୍ୟା ପୂର୍ବରୁ କିରୋସିନ୍ ଯୋଗାଡ଼ କରି ଲଣ୍ଠନ ଲଗାଇଲି। ଆମ ହଷ୍ଟେଲ ଆଉ ସ୍କୁଲ ମଝିରେ ଏକ ବିରାଟ ପୋଖରୀ। ପୋଖରୀ ହୁଡ଼ାରେ କରବାଗ ଗଛରେ ଘାସ ଗାଲିଚା ଉପରେ ଶଉପଟିଏ ପାରିଦେଇ ପ୍ରାର୍ଥନା କରିସାରି ପଢ଼ିବାକୁ ବସିଲି। ପାଠରେ ମନ ଲାଗୁନଥାଏ। ରାତି ଅନ୍ଧାର ବଢ଼ିବା ସଙ୍ଗେ ସଙ୍ଗେ ଡର ଆବୋରି ବସୁଥାଏ। ଏକମାତ୍ର ଆଶ୍ୱାସନା ଥିଲା ବାଲିଖଣ୍ଡ ............ ଥିବାରୁ କିଛି ଦୂର ରାସ୍ତା ଉପରେ ଲୋକଙ୍କର ଚଳପ୍ରଚଳ ଲାଗି ରହିଥାଏ। କଥାବାର୍ତ୍ତା ଶୁଭୁଥାଏ। ହେଲେ ଆଶଙ୍କା ଥାଏ, ନଅଟା ପରେ ଲୋକଙ୍କର ଯିବା ଆସିବା କମିଯିବା ପରେ ରାତି ଏଗାରଟା ଯାଏ ଶୂନଶାନ୍ କ୍ୟାମ୍ପସରେ କେମି ରହିବି ମୁଁ। ନିଆଁ ପାଖକୁ ଭୂତ ଆସନ୍ତିନି ବୋଲି ଜାଣିଥାଏ ଓ ଡର ଲାଗିଲେ ମଝିରେ ମଝିରେ ଗାୟତ୍ରୀ ସାବିତ୍ରୀ ମନ୍ତ୍ର ଆଖି ମୁଦି ଜପୁଥାଏ।

ଗେଟ୍ ଟପି କେହି ଜଣେ ହଷ୍ଟେଲ ଆଡ଼କୁ ଆସୁଥିବାର ଦେଖି ଚମକି ପଡ଼ିଲି। ଅଳ୍ପ ଦୂରରୁ ଗମ୍ଭୀର ସ୍ୱରରେ, 'କିଏ ? ପାଣିଗ୍ରାହୀ' ଶୁଣିଲା ପରେ ନିଶ୍ଚିନ୍ତ ହେଲି, ନିଶାକର ସାର୍। ହଷ୍ଟେଲ ଅନ୍ଧାର କାହିଁକି, ଅନ୍ୟମାନେ କୁଆଡ଼େ ଗଲେ ପ୍ରଶ୍ନରେ ମୁଁ ଠିଆହୋଇ ରହିଲି ନିରବରେ। କାଲିର ଝଡ଼ବର୍ଷା ପରଠୁ ଲାଇନ୍ ନାହିଁ। ତାପରେ... ଛେପଢୋକି ସାଙ୍ଗମାନେ ସିନେମା ଯିବା କଥା ଜଣାଇଲି। ମୁଁ ଏକା ବସି ପଢୁଥିବାରୁ ସାର୍ ଖୁସି ହେଲେ। ଆମ ରୁମ୍‌ରୁ କିରୋସିନ୍ ନେଇ ସାର୍‌ଙ୍କ ଲଣ୍ଠନ ଲଗେଇ ଦେଲି। ସାର୍ ଲୁଗା ବଦଳେଇଲା ପରେ ମୁଁ ଆସି ପଢ଼ିବାକୁ ବସିଲି।

ଆମ ହଷ୍ଟେଲରେ ପାଇଖାନା ନଥିଲା। ପଶ୍ଚିମ ପାର୍ଶ୍ୱର ସେହି ଚର୍ଚ୍ଚିତ ଆମ୍ବଗଛ ପାଖ ଦେଇ ସ୍କୁଲ ହତାରେ ଛକି ଭଳି ପୋତା ହୋଇଥିଲା ଦି' ଖଣ୍ଡ ବାଉଁଶକୁ ଡେଇଁ ସାର୍‌ଙ୍କ ସମେତ ଆମ ସଭିଙ୍କୁ ନିତ୍ୟକର୍ମ ସମାପନ ନିମନ୍ତେ ପ୍ରଶସ୍ତ ବିଲ ଆଡ଼କୁ ଯିବାକୁ ହେଉଥାଏ। ସାର୍ ହାତରେ ଟର୍ଚ୍ଚଟି ଧରି ସେଇଆଡ଼େ ଯାଉଥିବା ଦେଖିଲା ପରେ ପରବର୍ତ୍ତୀ ଦୃଶ୍ୟମାନ ଦେଖି କରି ମୋ ଦେହରୁ ଝାଳ ବୋହିଗଲା। ଟର୍ଚ୍ଚର ମିଞ୍ଜି ମିଞ୍ଜି ଆଲୁଅରେ ସାର୍ ଯେ କିଭଳି ହଇରାଣ ହେଉଥିବେ ଭାବି ଆହୁରି ଡରିଗଲି। କିଛି ସମୟ ପରେ ଭାରିଭାରି ପାହୁଣ୍ଡ ପକେଇ ସାର୍ ଆସିଲେ। ମଇଳା ମାଡ଼ି ଥିଲେ କି କ'ଣ ପୋଖରୀ ତୁଠକୁ ଯାଇ ଭଲକି ଧୂଆଧୋଇ ହେଲେ ଟିୱେଲ୍ ପାଖକୁ ନଯାଇ। ତାପରେ ଗମ୍ଭୀର ଗଳାରେ ମୋତେ ଡାକିଲେ। ସାର୍ କିଛି ପଚାରିବା ଆଗରୁ ଟର୍ଚ୍ଚ ଉପାଖ୍ୟାନ ମୁଁ ଗୋଟି ଗୋଟି ସବିସ୍ତାର କରୁଥିଲି। ମୁଁ ଆଶଙ୍କା କରୁଥିଲା ଭଳି କିଛି ଘଟିଲା ନାହିଁ। ସାର୍ କହିଲେ, ହଉ ପୁରସ୍ତମ ବାବୁଙ୍କୁ କହିବି କାଲି ଟର୍ଚ୍ଚରେ ବ୍ୟାଟେରି ପକାଇ ଦେବେ। ତୁମେ ଯାଆ, ସେଇଠି ବସି ପଢୁଥା ସେମାନେ ଆସିବା ଯାଏ। ମୁଁ ଅଛି ଡରିବୁନି। ମୋତେ ଏଥର ହାଲ୍‌କା ଲାଗିଲା। ମୁଁ ପଢ଼ିବାକୁ ବସିଲି।

ଏଗାରଟା ପନ୍ଦର ବେଳକୁ ଦୂରରୁ କୋଳାହଳ ସାଙ୍ଗକୁ ଶୁଭିଲା ସଦ୍ୟାଦେଖା ସମ୍ମିଳିତ ସିନେମା ସଙ୍ଗୀତର ଧୂନ୍ 'ଆଲୋ ଆଲୋ ମାଣିକ କାହିଁକି ଶୁଖିଛି ତୋ ଚନ୍ଦ୍ରମୁଖ...।' ସେମାନେ ପାଖେଇ ଆସିଲା ପରି କିଏ ମହେଶ୍ୱେତା ରୂପର ପ୍ରଶଂସା କରୁଥିଲା ତ କିଏ ନିଜକୁ ପ୍ରଶାନ୍ତ ନନ୍ଦ ଭାବି ଡାଏଲଗ୍ ମାରୁଥିଲା। କେହି କେହି ମୋତେ ପଣ୍ଡିତ ମଇଚିଆ ଏମିତି ଆହୁରି ଆଶ୍ରାବ୍ୟ ଭାଷାରେ ଗାଳି ଫଙ୍କିତ୍‌ବି କରୁଥିଲେ।

ହଷ୍ଟେଲ ସାମ୍ନା ରାସ୍ତାପାଖ ଗେଟ୍‌ଟି ବନ୍ଦ ରହୁଥିଲା। ଗେଟ୍ ପାଖରେ ଦୁଇ ପାଖକୁ ସିମେଣ୍ଟ ପାହାଚ କେତୋଟି ଥିଲା ଯିବା ଆସିବା କରିବା ପାଇଁ। ପିଲାମାନଙ୍କୁ ସାଇକେଲକୁ କାନ୍ଧରେ ଟେକି ଉଭୟ ପାର୍ଶ୍ୱର ଚାରୋଟି ଲେଖାଏ ଆଠଟି ପାହାଚ ଅତିକ୍ରମ କରିବାକୁ ପଡୁଥିଲା ହଷ୍ଟେଲକୁ ଆସିବା ପାଇଁ। ପୂର୍ବରୁ ନିଶାକର ସାର୍ ଆଠ ଦଶଟି କଲମ ଓ କନିଅର ଛଡ଼ି ପ୍ରସ୍ତୁତ କରି ରଖିବା କଥା ଜାଣିଥିଲି, ମାତ୍ର ସାର୍ ଯେ କ୍ୟାମ୍ପସ୍ ଭିତର ପାହାଚ ପାଖ ଖାଲୁଆ ସ୍ଥାନରେ ଅନ୍ଧାରରେ ଛପି ରହିଛନ୍ତି ଜାଣିନଥିଲି। ସହପାଠୀ ବନ୍ଧୁମାନେ ସାଇକେଲ ଟେକି ପାହାଚରେ ଓହ୍ଲେଇବା ଆରମ୍ଭ କଲାମାତ୍ରେ ଆରମ୍ଭ ହୋଇଗଲା ସାର୍‌ଙ୍କ ଆକ୍ରମଣ। ଏମିତି ଅତର୍କିତ ଘଟଣାରେ ହତଭମ୍ବ ପାଲଟିଗଲେ ସମସ୍ତେ। ୧୦୬ ଡିଗ୍ରୀ ଉପରକୁ ପାରଦ ଉଠିଥିବା ଥର୍ମୋମିଟରକୁ ହଠାତ୍ ବରଫରେ ଗେଞ୍ଜି ଦେଲେ ଯାହା ହୁଏ ସେମିତି ଥିଲା ବନ୍ଧୁମାନଙ୍କ ଅବସ୍ଥା। ବନ୍ଧୁମାନଙ୍କ ଆର୍ତ୍ତଚିତ୍କାର ଓ ଦୁରବସ୍ଥା ଦେଖି ମୋତେ ଦୋଷୀ ଦୋଷୀ ଲାଗୁଥାଏ। ସବୁଯାକ ଛଡ଼ି ଛିଡ଼ି ଗଲେବି ସାର୍‌ଙ୍କ ରାଗ ପୂରା କମିନଥାଏ। ସେ ତଥାପି କମ୍ପୁଥାନ୍ତି କ୍ରୋଧରେ। ସେ ରାତିର ସେ ଘଟଣାଟିକୁ ପାସୋରି ପାରିବିନି କେବେ।

ବନ୍ଧୁମାନଙ୍କ ପିଠିରେ ସେ ମାଡ଼ ଗାଦ ନିଶ୍ଚିହ୍ନ ହେବାକୁ ଦୁଇ, ତିନି ଦିନ ଲାଗିଥିଲା, ହେଲେ ସନ୍ତୋଷ ବ୍ୟାତୀତ କେହି ବି ମୋ ସହ କଥା ହୋଇନଥିଲେ ପ୍ରାୟ ସପ୍ତାହେ ଯାଏ। ପୂର୍ବରୁ ବା ପରେ କେବେବି ରବିବାର ସନ୍ଧ୍ୟାରେ ସାର୍ ହଷ୍ଟେଲକୁ ଫେରିବାର ନଜିର୍ ନାହିଁ। ମେଟ୍ରିକ୍ ପରୀକ୍ଷା ସରିବା ଯାଏ ତଳକ୍ଲାସ୍ ପିଲାମାନେ ଆମ ହଷ୍ଟେଲ ପିଲାଙ୍କୁ ଦେଖିଲେ ଲୁଚି ଛପି 'ଆଲୋ ଆଲୋ ମାଣିକ' ଗୀତ ପଦକ ଗାଉଥିଲେ ଯେ ବନ୍ଧୁମାନଙ୍କ ମୁହଁ ଲାଜରେ ରଙ୍ଗ ପଡ଼ିଯାଉଥିଲା।

ଏମିତି ସ୍କୁଲ ଜୀବନର କେତେକେତେ ଘଟଣା ସାଇତା ଥାଏ ସବୁ ପିଲାଙ୍କ ସ୍ମୃତିରେ, ଯାହା ଦକ୍ଷିଣପବନ ପରି ଛୁଇଁଯାଏ, ଛୁଇଁଯାଏ ବେଳ ଅବେଳରେ ପରବର୍ତ୍ତୀ ବ୍ୟସ୍ତବାସ୍ତବ ଜୀବନ ଜୀଇଁଥିଲା ବେଳେ।

ପ୍ରଖ୍ୟାନ ଲେଖକ ଆଇଜାକ୍ ସାଗାନିକଙ୍କ ଭାଷାରେ, 'ପିଲାମାନେ! ଯେତେବେଳେ ତମ ଜୀବନର ଅଧାବେଳ ସରିଯିବ। ତମ ମୁଣ୍ଡବାଳ ସବୁ ଧଳା ହେଇଯିବ। ତୁମ ମା'ମାନଙ୍କୁ କହିବ ଯେ, ତମେ ପୁଣିଥରେ ଜନ୍ମ ହେବାକୁ ଚାହଁ ସେମାନଙ୍କ ଗର୍ଭରୁ।' ହେଲେ ତାହା କଣ ସମ୍ଭବ! ନା ସମ୍ଭବ ପୁଣିଥରେ ଶୈଶବ ଅତିକ୍ରମ କରି ଆଦ୍ୟ କୈଶୋରରେ ପୁଣିଥରେ ହାଇସ୍କୁଲରେ ପାଦ ଥାପିବା!


**ଅବସର ପ୍ରାପ୍ତ ଅଧକ୍ଷ**
**ସାଳନ୍ଦୀ ନଗର, ଭଦ୍ରକ**

ଅପେରା ଆଇଟମ୍
ଶ୍ରୀଗୋବିନ୍ଦ

# ଯାତ୍ରାରେ ରାଜନୀତି ଅନେକ..

## ମନୋଜ ପଟ୍ଟନାୟକ

ମଞ୍ଚ ନାଟକର ମୋହରୁ ଦିନେ ଯାତ୍ରା ନାଟକକୁ ମନ ବଳାଇଥିଲି । ଗୋଟେ ଅଧେ ନାଟକ ବି ନୁହେଁ, ଅନେକ ନାଟକ ନିର୍ଦ୍ଦେଶନା ଦେବା ସହିତ ପାର୍ଟି ମାଲିକଙ୍କୁ ବି ଭଲ ବ୍ୟବସାୟିକ ସଫଳତା ଦେଇଥିଲୁ ଅତୀତରେ । ଏମିତି ନାଟକ ବି ସେତେବେଳେ ହିଟ୍ ହୋଇଥିଲା ଲୋକେ ରାତାରାତି ନାଟକ ପାଇଁ ପାର୍ଟିକୁ ଝୁରି ହେଉଥିଲେ । ସମୟ ବଦଳିଲା, କଳାକାରମାନେ ଅଧିକ ଦରମାରେ ସହବନ୍ଧିତ ହେବା ବି ବହୁତ ଖୁସିଦେଲା ଆମକୁ । ଆମମାନଙ୍କ ରଚନା ଓ ନିର୍ଦ୍ଦେଶନା ଓ ସେମାନଙ୍କ ଦକ୍ଷତା ବଳରେ ଯଦି କିଏ ଉପରକୁ ଉଠିପାରିଲା, ତାହା ଉପରବାଲାର ଇଚ୍ଛା । ଯାହାଙ୍କୁ ଲୋକେ ଆଜି ବଡ଼ କଳାକାର ବୋଲି କହୁଛନ୍ତି, ଅନେକ ସମୟରେ ସେମାନଙ୍କର ଆଚରଣ ଯାତ୍ରା ପାର୍ଟିକୁ ଯିବା କଥା ଭାବିଲେ କାହିଁକି କେଜାଣି କିଏ ପଛରୁ ଫେରାଇ ଆଣିଲା ଭଳି ଲାଗେ । କିଛି ଯାତ୍ରାନୁଷ୍ଠାନରେ ନାଟ୍ୟକାର-ନିର୍ଦ୍ଦେଶକ ଯାହା କରିବାକୁ ଚାହିଁଛନ୍ତି, ବଡ଼ କଳାକାରର ନାଁ ନେଇଥିବା ବ୍ୟକ୍ତିମାନେ କରାଇଦେଇ ନାହାନ୍ତି । ଫଳରେ ଆଜିକା ଦିନରେ ନାଟକ ଏତେ ଭଲ ହେଉନାହିଁ ବୋଲି ଯେଉଁ ଅଭିଯୋଗ ଆସୁଛି, ତାହା ସେହିସବୁ କାରଣ ମଧ୍ୟରୁ ଅନ୍ୟତମ । ମୁଁ ମଧ୍ୟ ସମାନ ପ୍ରକାର ଘଟଣାରେ ବଡ଼ କଳାକାର କେବଳ ନୁହେଁ ସେହିମାନଙ୍କ କଥାରେ ଚାଲୁଥିବା କିଛି ମାଲିକଙ୍କ ଦ୍ୱାରା ଅନେକ ବିଷାଦ ମୁହୂର୍ତ୍ତ କଟାଇ ଯେଉଁ ତିକ୍ତ ଅନୁଭୂତି ସାଉଁଟିଛି, ତାହା ମୋତେ ଯାତ୍ରା ପାର୍ଟିରେ ନାଟକ କରିବା ପାଇଁ ବିତସ୍ପୃହ କରାଇଛି । ନାଟକ ସରିବାକୁ ମାତ୍ର ଦୁଇ ତିନୋଟି ସିନ୍ ବାକିଥିବ କିମ୍ବା ନାଟକ ଆଖଡ଼ା ଘରେ ସରିଯାଇଥିବ, ହେଲେ ପରିବେଷଣ ବେଳକୁ ରାଜନୀତି । ଅଧାରୁ ବନ୍ଦ ରହିବ ନାଟକ । ଯେଉଁ ନାଟ୍ୟକାର କି ନିର୍ଦ୍ଦେଶକମାନେ କଳାକାରଙ୍କୁ ଦୁନିଆ ଆଗରେ ବଡ଼ କରିଥିବେ, ସେହିମାନେ ହିଁ ତମକୁ ପ୍ରତାରିତ କରି ନାଟକ ବନ୍ଦ କରିବେ । ଏହି ଘଟଣା ମୋ ଜୀବନରେ ନୁହେଁ, ଅନେକ ନାଟ୍ୟକାର-ନିର୍ଦ୍ଦେଶକ କଳାକାରଙ୍କ ରାଜନୀତିରେ ବିଭିନ୍ନ କାରଣରୁ ଶିକାର ହେବା ଯାତ୍ରାଜଗତରେ ନୂଆ ନୁହେଁ । ମୁଁ ଏ ବାବଦରେ କହିଲେ ବି ଅନ୍ୟମାନେ ମୁହଁ ଖୋଲୁନାହାନ୍ତି, ଏତିକି ଫରକ । ନାଟକର କାହାଣୀ ଓ ସଂଳାପ ନାଟ୍ୟକାର-ନିର୍ଦ୍ଦେଶକ ଠିକ୍ କରିବାବେଳେ ଯଦି କେଉଁ କଳାକାରଙ୍କର ସାମାନ୍ୟତମ ସ୍ୱାର୍ଥରେ ବାଧା ପଡ଼ିଲା, ସେମାନେ ତମକୁ ଆଗେ ବିରୋଧ କରିବେ ଓ ନାଟକ ବନ୍ଦ କରିବା ପାଇଁ ଷଡ଼ଯନ୍ତ୍ର ରଚିବେ । କାହାର ଯଦି ଅଧିକ ସିନ୍ ରହିଲା ନାହିଁ କି ସେ ନାଟକରେ ଚରିତ୍ର ଗୌଣ ହୋଇ ରହିଲା, ସେମାନେ ଆଗେ ତମ ପଛରେ ଲାଗିବେ ଓ ତମ ବିରୁଦ୍ଧରେ ଏଣେତେଣେ କହିବେ । ଏପରିକି ପାର୍ଟି ମାଲିକକୁ ନାଟକ ଭଲ ହୋଇନାହିଁ ବୋଲି କହି ବଦନାମ କରିବା ଅନେକ ପ୍ରତିଷ୍ଠିତ କଳାକାରଙ୍କର ବଦଗୁଣ । ଏଣୁ ଏସବୁକୁ ବରଦାସ୍ତ ନକରି ମୁଁ ଯାତ୍ରା ନାଟକଠାରୁ ସନ୍ନ୍ୟାସ ଗ୍ରହଣ କରିବା ପାଇଁ ନିଷ୍ପତ୍ତି ନେବା, ମୋର କିଛି ଭୁଲ୍ ନୁହେଁ । ମଞ୍ଚ ନାଟକ କରୁଥିବା ହେତୁ ଅନେକ ନାଟକକୁ ପରୀକ୍ଷାମୂଳକ ଭାବରେ ମଞ୍ଚସ୍ଥ କରିବାକୁ ଚାହିଁଲେ ବି କଳାକାର ଓ ମାଲିକ, ଏହା କରେଇ ଦେଇ ନଥାନ୍ତି । ଫଳରେ ଯେଉଁ ଭଲ ନାଟକଟିଏ ଦର୍ଶକଙ୍କୁ ଭେଟି ଦେବା କଥା, ଦେଇହୁଏ ନାହିଁ । ଏଭଳି ଅନେକ ଅଭିମାନରେ ଅଭିନେତା ତଥା ନିର୍ଦ୍ଦେଶକ ମନୋଜ ପଟ୍ଟନାୟକ ଜର୍ଜରିତ ହେବା ସହ ଦୁଃଖ ଓ କ୍ଷୋଭରେ କୁହନ୍ତି ।







ଅନସୂୟା ଭରଦ୍ୱାଜ

'ନିତିଦିନ'ର ରବିବାର କ୍ରୋଡ଼ପତ୍ର 'ନଜର'କୁ ପର୍ଯ୍ୟଟନସ୍ଥଳୀ, ହସକଥା, ସୌନ୍ଦର୍ଯ୍ୟ, ରୋଷେଇ, ସିନେମା ଖବର, ସ୍ୱାସ୍ଥ୍ୟ, କ୍ୟାରିୟର ସମ୍ବନ୍ଧୀୟ ଲେଖା ପଠାଇବାକୁ ଚାହୁଁଥିଲେ, ନିମ୍ନଲିଖିତ ଠିକଣାରେ ପଠାନ୍ତୁ-
'ନଜର', ସଂପାଦକ, ନିତିଦିନ, ସେଡ୍ ନଂ-ଟିଏସ୍୨/୨୧୦/ଏ, ସେକ୍ଟର-ଏ, ଜୋନ୍-ବି, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦, mail-nitidinnazar@gmail.com